# ପିଲାଙ୍କ ଭବିଷ୍ୟତ ସହ ଖେଳୁଛନ୍ତି କର୍ତ୍ତୃପକ୍ଷ

**ବ୍ରହ୍ମପୁର ଅଫିସ,୧୬।୧**

ଖଲ୍ଲିକୋଟ କନିଷ୍ଠ ମହାବିଦ୍ୟାଳୟ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପ୍ରତି କର୍ତ୍ତୃପକ୍ଷ ଖେଳ ଖେଳୁଛନ୍ତି। ଛାତ୍ରୀଛାତ୍ରଙ୍କୁ ଆବଶ୍ୟକ ଶ୍ରେଣୀଗୃହ ଯୋଗାଇବାରେ କର୍ତ୍ତୃପକ୍ଷ ଅସମର୍ଥ ହୋଇଥିବା ବେଳେ ପିଲାଙ୍କଠାରୁ ସଂଗ୍ରହ ଉନ୍ନୟନ ଫିର ମଧ୍ୟ ଠିକ୍ ବିନିଯୋଗ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏହାବ୍ୟତୀତ ଯୁକ୍ତ ୨ ପରେ କ୍ୟାରିୟର ଗଠନ ଦିଗରେ ମାର୍ଗଦର୍ଶନ ପାଇଁ ମହାବିଦ୍ୟାଳୟରେ କ୍ୟାରିୟର କାଉନ୍‌ସେଲିଂ ସେଲ ଗଠନ ନେଇ ବିଭାଗୀୟ ନିର୍ଦ୍ଦେଶ ରହିଛି। ଏହା ସତ୍ତ୍ୱେ ସେଲ ଗଠନ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏନେଇ ବିଭିନ୍ନ ମହଲରୁ ଅଭିଯୋଗ ପରେ ଗୁରୁବାର ଏହାର ସତ୍ୟା ସତ୍ୟ ଯାଞ୍ଚ କରିବାକୁ ପହଞ୍ଚିଥିଲେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁନ୍ଦର ଲାଲ ସିଲ୍ ଏବଂ ଉପ ନିର୍ଦ୍ଦେଶକ ଭାଗୀରଥି କାଣ୍ଡି। ଉଭୟେ ଖଲ୍ଲିକୋଟ କନିଷ୍ଠ ମହାବିଦ୍ୟାଳୟରେ ଶ୍ରେଣୀଗୃହ ସ୍ଥିତି ବୁଲି ଦେଖିବା ସହ କ୍ୟାରିୟର କାଉନ୍‌ସେଲିଂ ସେଲ ଗଠନରେ ଥିବା ସମସ୍ୟା, ଡେଭଲପମେଣ୍ଟ ଫଣ୍ଡ ବିନିଯୋଗରେ ଅବହେଳା ସମ୍ପର୍କରେ ଯାଞ୍ଚ କରିଛନ୍ତି।

ଛାତ୍ରୀଛାତ୍ରଙ୍କ ଅଭିଯୋଗ ପ୍ରକାରେ, ପ୍ରତିବର୍ଷ ବହୁ ସଂଖ୍ୟକ ପିଲା ଏଠାରେ ନାମ ଲେଖାଉଥିବା ବେଳେ କର୍ତ୍ତୃପକ୍ଷଙ୍କ ଅବହେଳା, ଅଣଦେଖା, ଖାମଖିଆଲି ମନୋବୃତ୍ତି ଯୋଗୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଚାଲିଯାଉଛି। ବର୍ତ୍ତମାନ ଯୁକ୍ତ ୨ ପ୍ରଥମ ଓ ଦ୍ୱିତୀୟ ବର୍ଷ କଳା, ବାଣିଜ୍ୟ, ବିଜ୍ଞାନରେ ୨ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। କିନ୍ତୁ ସେମାନଙ୍କ ପାଇଁ ଆବଶ୍ୟକ ଶ୍ରେଣୀଗୃହ ନ ଥିବା ନେଇ କର୍ତ୍ତୃପକ୍ଷ ବାରମ୍ବାର ସରକାରଙ୍କ ପାଖରେ ଅଭିଯୋଗ କରୁଥିବା ବେଳେ ଉପର ମହଲାରେ ଥିବା ୪କୋଠରିରେ ପାରା ଭର୍ତ୍ତି ହୋଇଛନ୍ତି। ଅନ୍ୟପଟେ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କଠାରୁ ଡେଭଲପମେଣ୍ଟ ଫି ବାବଦକୁ ପ୍ରତିବର୍ଷ ପ୍ରାୟ ୫ ଲକ୍ଷ ଟଙ୍କା ଆଦାୟ କରୁଥିଲେ ସୁଦ୍ଧା ଉପର ମହଲାରେ ଥିବା ଶ୍ରେଣୀଗୃହ ସଫେଇ କରିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସେଠାରେ ଥିବା ଟେବୁଲ, ଚେୟାର ଅଯଥାରେ ନଷ୍ଟ ହେବାକୁ ବସିଛି। ଏହା ବ୍ୟତୀତ ଛାତ୍ରୀଛାତ୍ରଙ୍କ ପାଇଁ କ୍ୟାରିୟର କାଉନ୍‌ସେଲିଂ ସେଲ ଗଠନ ନେଇ ଅକ୍ଟୋବରରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା।

**ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**



ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ ଅଧକ୍ଷାଙ୍କ ସହ ଆଲୋଚନା କରୁଛନ୍ତି।

- **ଶିକ୍ଷା ବିଭାଗ ନିର୍ଦ୍ଦେଶକୁ ଅଣଦେଖା**
- **ହେଉନି କ୍ୟାରିୟର କାଉନ୍‌ସେଲିଂ ଗଠନ**
- **ଯାଞ୍ଚ କଲେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ**

ଡିସେମ୍ବରରେ ବିଭାଗ ପକ୍ଷରୁ ପୁନର୍ବାର କ୍ୟାରିୟର କାଉନ୍‌ସେଲିଂ ସେଲ ଗଠନ ନେଇ ରିପୋର୍ଟ ଦେବାକୁ କୁହାଯାଇଥିଲେ ମଧ୍ୟ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ଗ୍ରହଣ କରିନାହାନ୍ତି। କେବଳ ସେତିକି ନୁହେଁ, ଅଧ୍ୟାପକ ପଢାଇବାକୁ ନ ଆସିବା ପର୍ଯ୍ୟନ୍ତ ଶ୍ରେଣୀଗୃହ ଖୋଲାଯାଉ ନ ଥିବା ବେଳେ ଦୀର୍ଘ ସମୟ ଧରି ବାହାରେ ଅପେକ୍ଷା କରିବାକୁ ପଡୁଥିବା ଜଣେ ଛାତ୍ର କହିଛନ୍ତି। ଛାତ୍ର ଗୁରୁଦୀପ ବେହେରାଙ୍କ କହିଛନ୍ତି, ଶ୍ରେଣୀଗୃହ, ପାନୀୟ ଜଳ ବ୍ୟବସ୍ଥା, ଡେଭଲପମେଣ୍ଟ ଫି ବିନିଯୋଗ, କ୍ୟାରିୟର କାଉନ୍ ସେଲିଂ ସେଲ ଗଠନ, କ୍ୟାଲେଣ୍ଡର ଅନୁସାରେ ଅଭିଭାବକ ସମ୍ମିଳନୀ ଡକାଯିବା ଆଦି ବିଭିନ୍ନ ଦାବିନେଇ ବହୁବାର ଅଧକ୍ଷାଙ୍କୁ ଲିଖିତ ଭାବେ ଜଣାଯାଇ ଥିଲେ ମଧ୍ୟ ସମସ୍ୟା ସମାଧାନ କରାଯାଉ ନାହିଁ।

ଏପରିକି ୨୦୧୭ରୁ ମହାବିଦ୍ୟାଳୟ ନାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିବର୍ତ୍ତିତ କରାଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ ତା'ର ନାମ ଫଳକ ପରିବର୍ତ୍ତନ କରାଯାଇ ନାହିଁ। କ୍ୟାରିୟର କାଉନ୍‌ସେଲିଂ ସେଲ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ସତ୍ତ୍ୱେ କର୍ତ୍ତୃପକ୍ଷ ଏ ଦିଗରେ ଧ୍ୟାନ ନ ଦେବା ଦୁର୍ଭାଗ୍ୟର ବିଷୟ ବୋଲି ସେ କହିଛନ୍ତି। ଏନେଇ ଅଧକ୍ଷା ସ୍ୱର୍ଣ୍ଣପ୍ରଭା ମହାପାତ୍ର କହିଛନ୍ତି, ଉପର ମହଲାରେ ଥିବା ଶ୍ରେଣୀଗୃହକୁ ନିୟମିତ ସଫା କରାଯାଉଛି। କିନ୍ତୁ ପାରାଙ୍କୁ ତଡିବାରେ ଅସମର୍ଥ ହେତୁ କୋଠରିଗୁଡିକ ଅପରିଷ୍କାର ହୋଇ ରହୁଛି। ଡେଭଲପମେଣ୍ଟ ଫଣ୍ଡ ବିନିଯୋଗ କରାଯିବା ଦିଗରେ ପଦକ୍ଷେପ ନିଆଯାଉଛି। ମରାମତି କାର୍ଯ୍ୟ ପାଇଁ ପୂର୍ତ୍ତ ବିଭାଗକୁ ଚିଠି ଲେଖାଯାଇଥିଲେ ମଧ୍ୟ ସେମାନେ ଅବହେଳା କରୁଛନ୍ତି। ଏଥିସହ ସରକାରଙ୍କୁ ମଧ୍ୟ ଶ୍ରେଣୀଗୃହ ନିର୍ମାଣ ପାଇଁ ଲିଖିତ ଭାବେ ବହୁବାର ଜଣାଯାଇଥିବା ଅଧକ୍ଷା କହିଛନ୍ତି। ଅନ୍ୟପଟେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଆସିଥିବା ସମସ୍ତ ଅଭିଯୋଗ ଯାଞ୍ଚ କରିବା ସହ ଆଗାମୀ ଦିନରେ ଡେଭଲପମେଣ୍ଟ ଫଣ୍ଡ ସୁବିନିଯୋଗ ସହ କ୍ୟାରିୟର କାଉନ୍‌ସେଲିଂ ସେଲ ଗଠନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଗଞ୍ଜେଇ ଜବତ ଘଟଣା: ଯୁବକ ଗିରଫ



**ବ୍ରହ୍ମପୁର ଅଫିସ,୧୬।୧:** ଟ୍ରେନ ଯୋଗେ ବୁଧବାର ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଆଗୁଆ ଖବର ପାଇ ଗୋଷାଣୀନୂଆଗାଁ ଥାନାଧିକାରୀ ସୁମିତ କୁମାର ସୋରେନ ଓ ତାଙ୍କ ଟିମ୍ ରେଳଷ୍ଟେଶନ ବାହାରେ ଛକି ରହିଥିଲେ। ଜଣେ ଯୁବକ ବୁଧବାର ରାତି ପ୍ରାୟ ୯ଟାରେ ଏକ ଅଟୋରୁ ଓହ୍ଲାଇଥିଲେ। ପରେ ୪ ନମ୍ବର ପ୍ଲାଟଫର୍ମ ପଟକୁ ସେ ଯାଉଥିବା ବେଳେ ପୋଲିସ ତାଙ୍କୁ ଅଟକାଇଥିଲା। ସେ ଧରିଥିବା ଟ୍ରଲି ବ୍ୟାଗ ଓ ଏୟାର ବ୍ୟାଗ ଯାଞ୍ଚ କରିଥିଲେ। ୨ଟି ବ୍ୟାଗରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ପୋଲିସ ଦେଖିବାକୁ ପାଇଥିଲା। ବେଆଇନ ଗଞ୍ଜେଇ ଚୋରାଚାଲାଣ କରୁଥିବା ଅଭିଯୋଗରେ ପୋଲିସ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ପାଟପୁର ଥାନା ଅନ୍ତର୍ଗତ ସିଙ୍ଗିପୁର ଗ୍ରାମର ଶାନ୍ତନୁ ପ୍ରଧାନ (୨୨) ବୋଲି ପୋଲିସ କହିଛି। ମାଜିଷ୍ଟ୍ରେଟ ଭାବେ ବ୍ରହ୍ମପୁର ଏସ୍‌ଡ଼ିପିଓ ବିଷ୍ଣୁପ୍ରସାଦ ପତିଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯାଇଥିଲା। ୨ ବ୍ୟାଗରେ ପ୍ରାୟ ୨୬ କେଜି ଗଞ୍ଜେଇ ଥିବା ପୋଲିସ ସୂଚନା ଦେଇଛି। ଉକ୍ତ ଗଞ୍ଜେଇ ସହ ପୋଲିସ ତାଙ୍କ ନିକଟରୁ ବ୍ରହ୍ମପୁରରୁ ସିକନ୍ଦରାବାଦ ଟ୍ରେନ ଟିକେଟ ମଧ୍ୟ ଜବତ କରିଥିବା କହିଛି। ଜେରା ବେଳେ ଯୁବକ ଜଣକ ଉକ୍ତ ଗଞ୍ଜେଇ ଟ୍ରେନ ଯୋଗେ ସିକନ୍ଦରାବାଦ ନେଇଥାନ୍ତେ ବୋଲି ପୋଲିସ କହିଛି। ପୋଲିସ ମାମଲା ନଂ. ୫/୨୦ରେ ଅଭିଯୁକ୍ତ ଶାନ୍ତନୁଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିବା କହିଛି।

### ଅଭିଭାବକ- ଶିକ୍ଷକ କମିଟି ବୈଠକ

**ଛତ୍ରପୁର,୧୬।୧(ଡି.ଏନ.ଏ.):** ଛତ୍ରପୁର ଅନସ୍ଲୋ ହାଇସ୍କୁଲରେ ଅଭିଭାବକ ଶିକ୍ଷକ କମିଟି(ପିଟିଏ)ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଉରୀବନ୍ଧୁ ପଣ୍ଡା, ସ୍କୁଲ ପରିଚାଳନା କମିଟି ସଭାପତି ଦିଲୀପ କୁମାର ସାମଲ, ଶିକ୍ଷକ ଜଗଦୀଶ ଚନ୍ଦ୍ର ପଲେଇ, ଶିକ୍ଷୟିତ୍ରୀ ଅମୃତା ପାଣିଗ୍ରାହୀ ଓ ସୁଚିତା ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଅଭିଭାବକମାନେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ବୈଠକର ଉଦ୍ଦେଶ୍ୟ ଉପରେ ଅଭିଭାବକମାନଙ୍କୁ ଅବଗତ କରାଯାଇଥିଲା। ସ୍କୁଲ ପ୍ରଗତି ଉପରେ ସମସ୍ତେ ଗୁରୁତ୍ୱାରୋପ କରିଥିଲେ।

## 'ଭାଗବତ କଥା ରହସ୍ୟ' ପ୍ରବଚନ

### ଭାଗବତ ହିନ୍ଦୁ ଧର୍ମର ସର୍ବଶ୍ରେଷ୍ଠ ଧର୍ମଗ୍ରନ୍ଥ : ମୁକୁନ୍ଦାନନ୍ଦ



**ବ୍ରହ୍ମପୁର ଅଫିସ,୧୬।୧**

ସ୍ଥାନୀୟ ଖଲ୍ଲିକୋଟ କଲେଜ ଖେଳ ପଡିଆରେ କୃପାଳୁଜୀ ମହାରାଜଙ୍କ ପ୍ରଚାରକ ସ୍ୱାମୀ ମୁକୁନ୍ଦାନନ୍ଦଙ୍କ ଦ୍ୱାରା 'ଭାଗବତ କଥା ରହସ୍ୟ' ପ୍ରବଚନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଧାଗୋବିନ୍ଦ ଧାମ ବ୍ରହ୍ମପୁର ଆନୁକୂଲ୍ୟରେ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଦିବସରେ ଡ. ପି.ସି. ସାହୁ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ରାଧାଗୋବିନ୍ଦ ଧାମ ସଭାପତି ଡ. ନିର୍ମଳ ଚନ୍ଦ୍ର ମହନ୍ତ, ସମ୍ପାଦକ ଅପନ୍ନ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଭାଗବତ ହିନ୍ଦୁ ଧର୍ମର ସର୍ବଶ୍ରେଷ୍ଠ ଧର୍ମଗ୍ରନ୍ଥ, ଯାହା ମନୁଷ୍ୟର ଆଧ୍ୟାତ୍ମିକ ସାଧନାର ଏକ ସରଳ ମାର୍ଗଦର୍ଶନ। ଭାଗବତ ଅଧ୍ୟୟନରେ ମନୁଷ୍ୟ ସବୁ ଧର୍ମଶାସ୍ତ୍ର ପଠନ କରିବାର ଲାଭ ପାଇ ନିଜ ଜୀବନର ଅନ୍ତିମ ଲକ୍ଷ୍ୟରେ ପହଞ୍ଚିପାରିବ ବୋଲି ସ୍ୱାମୀଜୀ ମତବ୍ୟକ୍ତ କରିଥିଲେ।

## ୨ ଲୁଟେରା ଗିରଫ, ବ୍ୟାଗ ଜବତ

**ବ୍ରହ୍ମପୁର ଅଫିସ,୧୬।୧**

**ଟ୍ରେନ୍ ଯାତ୍ରୀଙ୍କ ବ୍ୟାଗ୍ ଲୁଟ ଘଟଣା**



ଗିରଫ ଦୁଇ ଲୁଟେରା।

ସରକାରୀ ରେଳବାଇ ପୋଲିସ (ଜିଆରପି)ଟ୍ରେନ ଯାତ୍ରୀଙ୍କ ବ୍ୟାଗ ଲୁଟ ଘଟଣାରେ ୨ ଲୁଟେରାଙ୍କୁ ଗିରଫ କରିଛି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ଲୋଚାପଡାର ଶଙ୍କର ପାତ୍ର (୨୩) ଓ ଶେରଗଡ ଥାନା ଅନ୍ତର୍ଗତ ପନ୍ନାଡ଼ ଗ୍ରାମର ବବ୍ରୁବାହନ ବେହେରା (୩୨) ବୋଲି ଜିଆରପି ଥାନାଧିକାରୀ ସୁକାନ୍ତ ଭୋଇ ସୂଚନା ଦେଇଛନ୍ତି। ସେମାନଙ୍କ ନିକଟରୁ ଲୁଟ୍ ବ୍ୟାଗ ପୋଲିସ ଜବତ କରିଛି। ବ୍ୟାଗ ଭିତରେ ଗୋଟିଏ ମୋବାଇଲ ଫୋନ ୫୬୪୧ ଟଙ୍କା ଓ କେତେକ ଡ୍ରେସ୍ ରହିଥିଲା। ଜବତ ବ୍ୟାଗ ଯାତ୍ରୀଙ୍କୁ ଜିମା ଦେଇଥିବା ପୋଲିସ କହିଛି। ମାମଲା ନମ୍ବର ୮/୨୦ରେ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଘଟଣାରୁ ପ୍ରକାଶ, କେ.ନୂଆଗାଁ ଥାନା ଅନ୍ତର୍ଗତ ଦେଖାଳି ଗ୍ରାମର ସୀମାଞ୍ଚଳ ପାଇକ ବାଙ୍ଗାଲୋରର ଏକ ଘରୋଇ କମ୍ପାନୀରେ କାମ କରନ୍ତି। ସେ ଘରକୁ ଆସିଥିବା ବେଳେ ବାଙ୍ଗାଲୋର ଯିବା ପାଇଁ ବୁଧବାର ବ୍ରହ୍ମପୁର ରେଳଷ୍ଟେଶନ ଆସିଥିଲେ। ଗୁରୁବାର ସକାଳେ ପ୍ରଶାନ୍ତି ଏକ୍ସପ୍ରେସରେ ଯିବା ପାଇଁ ସ୍ଥିର କରିଥିଲେ। ରାତିରେ ରେଳଷ୍ଟେଶନର ଯାତ୍ରୀ ବିଶ୍ରାମାଗାରରେ ଶୋଇଥିବା ବେଳେ ତାଙ୍କ ବ୍ୟାଗଟିକୁ ୨ ଜଣ ଯୁବକ ଲୁଟି ନେଇଯାଇଥିଲେ। ସୀମାଞ୍ଚଳ ପାଟିକରିଥିବା ବେଳେ ରେଳଷ୍ଟେଶନରେ ପାଟ୍ରୋଲିଂ କରୁଥିବା ଜିଆରପି ଓ ରେଳ ସୁରକ୍ଷା ବଳ ପୋଲିସ ଉଭୟ ଲୁଟେରାଙ୍କୁ କାବୁ କରି ଜିଆରପି ଥାନାରେ ରଖି ଜେରା କରିଥିଲା।

## ଦିବ୍ୟଜୀବନ ସଂଘ ଶାଖାର ସାଧନା ଦିବସ ପାଳିତ

**କବିସୂର୍ଯ୍ୟନଗର,୧୬।୧**

ସ୍ଥାନୀୟ ଦିବ୍ୟଜୀବନ ସଂଘ ଶାଖା ପକ୍ଷରୁ ଏକ ଦିବସୀୟ ସାଧନା ଶିବିର ପବିତ୍ର ମକର ସଂକ୍ରାନ୍ତିରେ ପାଳିତ ହୋଇଯାଇଛି। ପ୍ରାତଃ ଜପ ଧ୍ୟାନ ସହ ପ୍ରାର୍ଥନା, ପ୍ରଭାତଫେରୀ, ଶ୍ରୀଗୁରୁ ପାଦୁକା ପୂଜା ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଋଷିକେଶ ଶିବାନନ୍ଦ ଆଶ୍ରମ ସନ୍ଥ ଶ୍ରୀସ୍ୱାମୀ ଦେବଭକ୍ତାନନ୍ଦ ସରସ୍ୱତୀ ଯୋଗଦାନ କରି ଆଶୀର୍ବାଦ ପ୍ରଦାନ କରିଥିଲେ। ଆଞ୍ଚଳିକ ଦିବ୍ୟଜୀବନ ସଂଘ ସମନ୍ୱୟ ସମିତି ମୁଖ୍ୟ ସଂଗଠକ ଜୟଚନ୍ଦ୍ର ନାୟକ, ସଭାପତି ବିପ୍ର ଚରଣ ପାତ୍ର ତଥା ବିଭିନ୍ନ ଶାଖା ସଭ୍ୟା ସଭ୍ୟ ଯୋଗ ଦେଇଥିଲେ। ସାଧନା ଶିବିରରେ ଜି.ଶମ୍ଭୁଲିଙ୍ଗମ୍ ଆଚାରୀ, ସାଧିକା କାଦମ୍ବରୀ ମାଝି, ସାଧକ ବନମାଳୀ ସ୍ୱାଇଁ, ଗଙ୍ଗାଧର ମହାପାତ୍ର, ପ୍ରଭାକର ପ୍ରଧାନ, ବଂଶୀଧର ପ୍ରଧାନ, ଶଙ୍କର ପ୍ରସାଦ ଡ଼ାକୁଆ ଓ ଗୌରୀ ନାରାୟଣ ପାତ୍ର ପ୍ରମୁଖ ଶତାଧିକ ସାଧିକା ସାଧିକଗଣ ଯୋଗ ଦେଇଥିଲେ।

## ଫକୀରମୋହନଙ୍କ ଜୟନ୍ତୀ ପାଳିତ

**ବ୍ରହ୍ମପୁର ଅଫିସ,୧୬।୧**

ଓଡିଆ ସାହିତ୍ୟର କାଳଜୟୀ ସ୍ରଷ୍ଟା ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ମନ୍ମଥ ପାଢୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ବନମାଳୀ ପାଣିଗ୍ରାହୀ ଯୋଗଦେଇ ସ୍ୱର୍ଗତ ଫକୀରମୋହନଙ୍କ ଓଡିଆ ସାହିତ୍ୟର ବିକାଶରେ ରହିଥିବା ଅବଦାନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଉପ ସଚିବ ଡ଼.କୁଳମଣି ଓଝା ଫକୀରମୋହନଙ୍କ ଜୀବନୀ ଉପରେ ଗୁରୁତ୍ୱାରୋପ କରିଥିଲେ। ନରେନ୍ଦ୍ରପୁର ବିଜ୍ଞାନ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ବରିଷ୍ଠ ଅଧ୍ୟାପକ ଡ.ହୃଷୀକେଶ ପଣ୍ଡା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ପଣ୍ଡିତ ଗୋପୀନାଥ ନନ୍ଦ ଶର୍ମା, ଉତ୍କଳ ସମ୍ମିଳନୀର ଅନ୍ୟତମ ପ୍ରତିଷ୍ଠାତା ଖଲ୍ଲିକୋଟର ରାଜାବାହାଦୁର ରାମଚନ୍ଦ୍ର ମର୍ଦ୍ଦରାଜ ଦେବଙ୍କ କୀର୍ତ୍ତି ଓ କୃତି ଉପରେ ଆଲୋଚନା କରାଯାଇଥିଲା। ଓଡ଼ିଆ ଭାଷା ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଏହି ୩ ଜଣ ପ୍ରତିଭାଧାରୀଙ୍କ ଅତୁଳନୀୟ ଅବଦାନ ରହିଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ସାଗର ରଞ୍ଜନ ତ୍ରିପାଠୀ, ରାଧାଚରଣ ନାୟକ ଓ ନରହରି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କୋଷାଧକ୍ଷ ନରସିଂହ ପାଣିଗ୍ରାହୀଙ୍କ ସମେତ ରମେଶ ଚରଣ ତ୍ରିପାଠୀ, କପିଳ ଚନ୍ଦ୍ର ମହାନ୍ତି, ଡାକ୍ତର ଚନ୍ଦ୍ରମଣି ସ୍ୱାଇଁ,ବାସୁଦେବ ନାୟକ, ନୃସିଂହ ପ୍ରସାଦ ପଣ୍ଡା, ଡ.ସୁବ୍ରତ କୁମାର ସାହୁ,କିରଣବାଳା ମିଶ୍ର, ସ୍ୱର୍ଣ୍ଣପ୍ରଭା ପାଢ଼ୀ,ଜ୍ୟୋତ୍ସ୍ନାରାଣୀ ପଣ୍ଡା,ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, ଇଂ ପ୍ରକାଶ ଚନ୍ଦ୍ର ସାହୁ, କାମରାଜୁ ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ସ୍ୱାଗତ ଭାଷଣ ଦେଇଥିବା ବେଳେ ଯୁଗ୍ମ ସମ୍ପାଦକ ଡା. ନକୁଳ ସାହୁ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ବ୍ୟକ୍ତିବିଶେଷ।

## ଯୁକ୍ତ ୨ ପ୍ରଥମବର୍ଷ ପରୀକ୍ଷାରେ ପାସ୍ ବାଧ୍ୟତାମୂଳକ

# ଉଚ୍ଚଶିକ୍ଷା ପରିଷଦ ନିଷ୍ପତ୍ତିକୁ ସ୍ୱାଗତ

ବ୍ରହ୍ମପୁର ଅଫିସ,୧୬।୧-ଯୁକ୍ତ ୨ ଦ୍ୱିତୀୟ ବର୍ଷ ଭଳି ପ୍ରଥମ ବର୍ଷ ପରୀକ୍ଷାକୁ ମଧ୍ୟ କଡାକଡି କରାଯିବ। ପ୍ରଥମ ବର୍ଷରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ତଥା ଦ୍ୱିତୀୟ ବର୍ଷ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ କେବଳ ପ୍ରମୋଶନ ଟେଷ୍ଟ କରାଯାଉଥିଲା। ପରେ ସେମାନେ ଦ୍ୱିତୀୟ ବର୍ଷକୁ ଉତ୍ତୀର୍ଣ୍ଣ ହେଉଥିଲେ।ଏଣିକି କାଉନସିଲ ନିୟମ ଅନୁସାରେ ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ଦେଇ ଏଥିରେ ପାସ କରିବାକୁ ପଡିବ ବୋଲି ସୋମବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆଞ୍ଚଳିକ ଉପନିର୍ଦ୍ଦେଶକ ଡ. କୁଳମଣି ଓଝା କହିଛନ୍ତି, ଯୁକ୍ତ ୨ ପ୍ରଥମବର୍ଷ ପରୀକ୍ଷା ଦେବା ତଥା ଏଥିରେ ଉତ୍ତୀର୍ଣ୍ଣ ହେବା ନେଇ ପୂର୍ବରୁ କୌଣସି ବାଧ୍ୟବାଧକତା ନ ଥିଲା। ଛାତ୍ରୀଛାତ୍ରମାନେ ପ୍ରଥମବର୍ଷକୁ ଗୁରୁତ୍ୱ ଦେଉ ନ ଥିଲେ। କିନ୍ତୁ ବର୍ତ୍ତମାନ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କରାଯାଇଥିବା ଘୋଷଣା ପ୍ରକାରେ, ଆସନ୍ତା ଫେବୃୟାରୀରେ ପ୍ରତ୍ୟେକ ଯୁକ୍ତ ୨ ମହାବିଦ୍ୟାଳୟରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଯୁକ୍ତ ୨ ଦ୍ୱିତୀୟ ବର୍ଷ କାଉନସିଲ ପରୀକ୍ଷା ଢାଞ୍ଚାରେ କରାଯିବ। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପ୍ରଶ୍ନ ପତ୍ର ପ୍ରସ୍ତୁତ କରି ପ୍ରତ୍ୟେକ କଲେଜକୁ ପଠାଇବ। ସେଥିରୁ କଲେଜଗୁଡିକ ପ୍ରଶ୍ନପତ୍ର ଚୟନ କରି ପରୀକ୍ଷା କରାଇବେ। ଏଥିରେ କୌଣସି ଛାତ୍ରୀଛାତ୍ର ଫେଲ ହେଲେ ସେମାନଙ୍କ ପାଇଁ ପୁନର୍ବାର ମେ'ରେ ପରୀକ୍ଷା କରାଯିବ। ଫେଲ ଛାତ୍ରଙ୍କୁ ଅତିରିକ୍ତ କ୍ଲାସ କରାଯାଇ ଦ୍ୱିତୀୟ ଥର ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ବର୍ଷ ପରୀକ୍ଷା ପାଇଁ ପ୍ରସ୍ତୁତ କରାଯିବ ବୋଲି ଓଝା ସୂଚାଇଛନ୍ତି।



ଯୁକ୍ତ ୨ ପ୍ରଥମ ବର୍ଷ ପରୀକ୍ଷାକୁ କଡାକଡି କରାଯିବା ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଯେଉଁ ନିଷ୍ପତ୍ତି ନେଇଛି ତାହା ସ୍ୱାଗତଯୋଗ୍ୟ। ପୂର୍ବରୁ ଯୁକ୍ତ ୨ ପ୍ରଥମବର୍ଷ ପରୀକ୍ଷାରେ ସମସ୍ତଙ୍କୁ ଉତ୍ତୀର୍ଣ୍ଣ କରାଯାଉ ଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପାଠପଢା ପ୍ରତି ଆଗ୍ରହ ହେଉ ନ ଥିଲା। ଏପରିକି ଛାତ୍ରୀଛାତ୍ରମାନେ କ୍ଲାସ କରିବାକୁ ମଧ୍ୟ ଆସୁ ନ ଥିଲେ। କିନ୍ତୁ ଚଳିତବର୍ଷଠାରୁ ଯୁକ୍ତ ୨ ପ୍ରଥମବର୍ଷ ପରୀକ୍ଷାକୁ କଡାକଡି କଲେ ଛାତ୍ରୀଛାତ୍ର ପାଠପଢା ପ୍ରତି ଗୁରୁତ୍ୱ ଦେବେ।

**-ପୁଷ୍ପାଞ୍ଜଳି ସାବତ, ଅଧକ୍ଷା, ସିଟି କଲେଜ**



ଏହା ଛାତ୍ରୀଛାତ୍ରଙ୍କ ପାଇଁ ଭଲ ପଦକ୍ଷେପ। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ। ଯୁକ୍ତ ୨ ପରୀକ୍ଷାର ଫଳ କିନ୍ତୁ ଏଭଳି ଘୋଷଣା ପୂର୍ବରୁ ଉଚ୍ଚଶିକ୍ଷା ପରିଷଦ କଲେଜଗୁଡିକର ଭିତ୍ତିଭୂମି ସଜାଡିବା ଉପରେ ଧ୍ୟାନ ଦେବା ଆବଶ୍ୟକ। ବିଶେଷ କରି ବିନାୟକ ଆଚାର୍ଯ୍ୟ ଭଳି ଯୁକ୍ତ ୨ ଓ ଯୁକ୍ତ ୩ ଏକତ୍ର ହୋଇ ରହିଥିବା ମହାବିଦ୍ୟାଳୟ ଭିତ୍ତିଭୂମି ସଜାଡିବା ଦିଗରେ ପ୍ରଥମେ ସରକାର ଗୁରୁତ୍ୱ ଦେବା ଆବଶ୍ୟକ।

**-ପ୍ରମିଳା ଖାଡଙ୍ଗା, ଅଧକ୍ଷା, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ**

ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପାଠପଢା ପ୍ରତି ସିରିୟସନେସ ଆଣିବା ପାଇଁ ଏହା ଏକ ଭଲ ପଦକ୍ଷେପ। କିନ୍ତୁ ଏହାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଯୁକ୍ତ ୨ ଦ୍ୱିତୀୟ ବର୍ଷ ପରୀକ୍ଷାଭଳି ନିଜେ ପରିଚାଳନା କରିବା ଉଚିତ। ଅନ୍ୟପଟରେ ଏଥିପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବର୍ଷ ଆରମ୍ଭରୁ ଯୋଜନା କରିବାର ଥିଲା। ଚଳିତ ବର୍ଷ ହଠାତ୍ ଏଭଳି ନିଷ୍ପତ୍ତି ଦ୍ୱାରା ଅନେକ କଲେଜ ସମସ୍ତ ପରୀକ୍ଷାର୍ଥୀଙ୍କୁ ପାସ କରାଇବା ପାଇଁ ଉଦ୍ୟମ କରିବେ। ଏହା ବ୍ୟତୀତ ଏହି ପରୀକ୍ଷାକୁ କଡାକଡି ଭାବେ କଲେଜ କର୍ତ୍ତୃପକ୍ଷ ପାଳନ କରୁଛନ୍ତି କି ନାହିଁ ତାକୁ ଦେଖିବାକୁ ତଥା ତଦାରଖ କରିବା ଦିଗରେ ପରିଷଦ ପକ୍ଷରୁ କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇ ନାହିଁ। ଯାହା ଯୁକ୍ତ ୨ ପ୍ରଥମ ବର୍ଷ ବାଧ୍ୟତାମୂଳକ ପରୀକ୍ଷା ନିଷ୍ପତ୍ତି କେତେଦୂର ସଫଳ ହେବ ତାହା ସନ୍ଦେହ ଘେରରେ।



**-ରମାକାନ୍ତ ଚୌଧୁରୀ, ଅଧକ୍ଷ, ଗୋପାଳପୁର ବିଜ୍ଞାନ ମହାବିଦ୍ୟାଳୟ**

ଯୁକ୍ତ ୨ ପରୀକ୍ଷା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଶିଢ଼ି। ଏଭଳି ନିଷ୍ପତ୍ତି ପରିଷଦ ପକ୍ଷରୁ ଆଗରୁ ଗ୍ରହଣ କରାଯିବାର ଥିଲା। ପ୍ରଥମ ବର୍ଷ ପରୀକ୍ଷାରେ ପାସ ନିଷ୍ପତ୍ତି ବାଧ୍ୟତାମୂଳକ ଛାତ୍ରୀଛାତ୍ରଙ୍କ ଯୁକ୍ତ ୨ ପରୀକ୍ଷା ଉପରେ ନିଶ୍ଚୟ ପ୍ରଭାବ ପକାଇବ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଥମ ବର୍ଷରୁ ହିଁ ପାଠପଢା ପ୍ରତି ଆଗ୍ରହ ଆସିବ। ଯାହାଦ୍ୱାରା ସେମାନଙ୍କ ଦ୍ୱିତୀୟ ବର୍ଷ ପରୀକ୍ଷାର ଫଳାଫଳ ମଧ୍ୟ ଭଲ ହୋଇପାରିବ।



**-ମୀନା ଦାଶ, ଅଭିଭାବକ**

## ସଡ଼କ ସୁରକ୍ଷା ସପ୍ତାହ ସଚେତନତା ରାଲି

**କୁକୁଡ଼ାଖଣ୍ଡି,୧୬।୧(ଡି.ଏନ.ଏ.)**

୩୧ ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ଆଙ୍କୁଶପୁରରେ ଅବସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ଏବଂ ସଦର ଥାନା ମିଳିତ ଆନୁକୂଲ୍ୟରେ ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଅଧ୍ୟକ୍ଷ ଡା.ବିପିନ ବିହାରୀ ଖୁଣ୍ଟିଆ ଉଦ୍‌ଘାଟନ କରିଥିଲେ। ସଦର ଥାନା ଅଧିକାରିଣୀ ସନ୍ତୋଷିନୀ ଓରାମ ଏବଂ ଏନ୍‌ଏସ୍‌ଏସ୍‌ର ପ୍ରୋଗ୍ରାମ ଅଧିକାରୀ ଡା. ସୁବ୍ରତ କୁମାର ଓଝା ଓ ଡା. ସ୍ୱପ୍ନା ସ୍ୱୟଂପ୍ରଭା ନେତୃତ୍ୱ ନେଇଥିଲେ। ମହାବିଦ୍ୟାଳୟ ଛାତ୍ରୀଛାତ୍ର ତଥା ପୋଲିସ କର୍ମଚାରୀଙ୍କ ସହ ଡା.ବିମଳ କୁମାର ପଣ୍ଡା, ଡା.କ୍ରିଷ୍ଣା ମହାନ୍ତି, ଡା. ନିବେଦିତା ମହାପାତ୍ର, ଡା. ସୌଭାଗ୍ୟ କୁମାର ମହାଲିକ ତଥା ସଦର ଥାନା ଏସ୍‌ଆଇ ବିଭୂତି ଭୂଷଣ ସେଠୀ, ଏଏସ୍‌ଆଇ ସୁରେଶ ସାହୁ, ଏଏସ୍‌ଆଇ ବିନୀତ ଶତପଥୀ, ଏଏସ୍‌ଆଇ ଉଷାରାଣୀ ଦାସ, ସମାଜିକକର୍ମୀ ଗୋବିନ୍ଦ ଗୌଡ଼, ସୁରେନ୍ଦ୍ର ବିଶୋଇ, ସଦାନନ୍ଦ ସାହୁ, ସନ୍ତୋଷ ନାୟକ, କିରଣ ମହାରଣା, ଧର୍ମେନ୍ଦ୍ର ବିଶୋଇ, ଭାସ୍କର ସାହୁ ପ୍ରମୁଖ ଶୋଭାଯାତ୍ରାରେ ସଦର ଥାନାରୁ ବାହାରି ଆଙ୍କୁଶପୁର ମୁଖ୍ୟ ରାସ୍ତାରେ ନିୟମ ଭଙ୍ଗ କରୁଥିବା ବାଇକ୍ ଆରୋହୀ, ବସ୍ ଟ୍ରକ ଚାଳକଙ୍କୁ ଗୋଲାପ ଫୁଲ ଦେଇ ସଚେତନ କରାଇଥିଲେ।

**NOTIFIED AREA COUNCIL, DIGAPAHANDI**
**NOTICE INVITING BIDS (NIB) THROUGH e-procurement,**
**BID IDENTIFICATION NO. DIGNAC-05/2019-20, NIB No.80/DIGNAC, Dtd.14.01.2020**

1. Procurement Officer-Publisher/Officer Inviting the Tender/ Bids (OIT) : Executive Officer, N.A.C., Digapahandi. 2. Name of the Works/Packages : Civil Works. 3. Nos. of Works : 10 Nos. 4. Estimated Cost (Approx.) of the Works (Excluding GST) : Rs. 283355/- to Rs. 1402876/-. 5. Period of Availability of the Bid Documents / Tenders for On-Line Bidding : From 10.00 AM hrs of dtd. 15.01.2020 to 17.00 PM hrs of dtd, 21.01.2020. 6. Last Date & Time for Bidding On-Line (Submission of Technical Bids & Financial Bids) : 17.00 PM hrs. of dtd. 21.01.2020. 7.Last Date & Time for Submission of the Sealed Envelopes through Speed Post/ Regd. Post only containing the EMD, Cost of the Bid Documents, ABS (if reqd.), Documents as asked for to fulfill the Eligibility Criteria of the Bidders for each Work / Package : 17.30 P.M. hrs of dtd. 24.01.2020. 8. Date & Time of Opening of the Bids : 10.30 AM hrs. Onwards on dtd.27.01.2020. 9. Further more details can be seen in the DTCN available in the e-Procurement Portal : https://tendersodisha.gov.in

**Sd./- Executive Officer, N.A.C., Digapahandi**

## ସଂକ୍ଷେପରେ

### ସଡ଼କ ସୁରକ୍ଷା ସଚେତନତା ସଭା, ଶୋଭାଯାତ୍ରା

ପାଟପୁର,୧୬।୧: ପାଟପୁର ଥାନା ଓ ଆମ ପୋଲିସ ସମିତି ପକ୍ଷରୁ ଗୁରୁବାର ସଡ଼କ ସୁରକ୍ଷା ଓ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ଅଜୟ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ତହସିଲଦାର ଅମିତ କୁମାର ନାୟକ, ଛତ୍ରପୁର ଜୁନିୟର ଏମ୍‌ଭିଆଇ ନଳିନୀକାନ୍ତ ଚିନାରି, ନୀହାର ଜେନା, ସଞ୍ଜୟ କୁମାର ବିଶ୍ୱାଳ, ଅଧାପକ ଡ଼.କୈଳାସ ଚନ୍ଦ୍ର ସ୍ୱାଇଁ, ପାଟପୁର ସରପଞ୍ଚ ଟି.ବାବୁ ସୁବୁଦ୍ଧି, ଦୁର୍ଗା ପ୍ରସାଦ ପାଢ଼ୀ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତଚନ୍ଦ୍ର ଦେବ ଅତିଥି ଭାବେ ଯୋଗ ଦେଇଥିଲେ। ପାଟପୁର କଲେଜରୁ ଆମ ପୋଲିସ ସମିତି ସମସ୍ତ ସଭ୍ୟ, ପାଟପୁର ପୋଲିସ, କଲେଜ ଛାତ୍ରୀଛାତ୍ର, ବାଳକ ବିଦ୍ୟାଳୟ ଛାତ୍ର, ବାଳିକା ବିଦ୍ୟାଳୟର ଛାତ୍ରୀ, ବୀଣାପାଣି ନର୍ସରୀ ବିଦ୍ୟାମନ୍ଦିରର ସମସ୍ତ ଛାତ୍ରୀଛାତ୍ରଙ୍କ ସମେତ ସମସ୍ତ ଶିକ୍ଷାନୁଷ୍ଠାନ ଶିକ୍ଷୟିତ୍ରୀ ଶିକ୍ଷକ ପଦଯାତ୍ରାରେ ସାଧାରଣ ଲୋକଙ୍କୁ ସଡ଼କ ସୁରକ୍ଷା ଉପରେ ସ୍ଲୋଗାନ ଦେଇ ଗାନ୍ଧୀ ଛକ ନିକଟରେ ପହଞ୍ଚିଥିଲେ। ସେଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ସଡ଼କ ସୁରକ୍ଷା ଓ ଟ୍ରାଫିକ ସଚେତନତା ସଭାରେ ଅତିଥିମାନେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଉକ୍ତ ରାଲିରେ ଏକ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

### ଚିକିତ୍ସା ପାଇଁ ଏମ୍ସ ଯିବେ ଜଗା

ଶେରଗଡ,୧୬।୧(ଡି.ଏନ୍.ଏ.): ଶେରଗଡ ବ୍ଲକ ଗୋଠଗାଁର ଜଗା ପ୍ରଧାନଙ୍କ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ଚର୍ମଗୁଡିକ ବଧୀର ହେବାସହ କଷ୍ଟ ବଢୁଛି। ଜଗାଙ୍କ ବାପା ଚିକିତ୍ସା ବ୍ୟବସ୍ଥା କରିବାକୁ ପ୍ରଶାସନକୁ ଗୁହାରି କରିଥିଲେ। ବ୍ଲକ ପକ୍ଷରୁ ଗତ ୪ ଦିନ ତଳେ ଏକ ଟିମ୍ ତାଙ୍କୁ ଭେଟିବା ସହ ସ୍ୱାସ୍ଥ୍ୟ ବିଭାଗ ଏକ ଟିମ୍ ଯାଞ୍ଚ କରିଥିଲା। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଗାଙ୍କୁ ଜନ୍ମରୁ ଇଚିଥୋସିସ ରୋଗ ହୋଇଛି ବୋଲି କୁହାଯାଇଥିଲା। ଏହା ଜଣାପଡିବା ପରେ ବୁଧବାର ରାତି ପ୍ରାୟ ୧୦ଟାରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗୋଠଗାଁରେ ପହଞ୍ଚି ଜଗାଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ତାଙ୍କ ସହ ବିଡିଓ ସୁରଞ୍ଜନ କୁମାର ସାହୁ ଉପସ୍ଥିତ ଥିଲେ। ଅଧିକ ଚିକିତ୍ସା ପାଇଁ ଏମ୍ସ ଭୁବନେଶ୍ୱର ନେବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଏକ ଡାକ୍ତର ଦଳ ସାଥିରେ ଜଗା ଭୁବେନେଶ୍ୱର ଏମ୍ସ ଯିବେ ବୋଲି ପ୍ରଶାସନ ସୂତ୍ରରୁ ପ୍ରକାଶ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ୫ ଏକରରେ ହେବ ତାମ୍ପରା ସି ୱେ ସାଇଟ ସୌନ୍ଦର୍ଯ୍ୟକରଣ

ବ୍ରହ୍ମପୁର ଅଫିସ,୧୬।୧

ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ସାଧାରଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଡିଏ ଉପାଧ୍ୟକ୍ଷ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଗଞ୍ଜାମ ଜିଲାର ଏକ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ ହେବାକୁ ଯାଉଥିବା ତାମ୍ପରା ହ୍ରଦର ସମୁଦ୍ର ପାର୍ଶ୍ୱ ଉନ୍ନୟନ କାର୍ଯ୍ୟର ଡିଜାଇନ ଗୃହୀତ ହୋଇଥିଲା। ତାମ୍ପରା ହ୍ରଦ ସମ୍ମୁଖ ଭାଗରେ ବର୍ତ୍ତମାନ ଉନ୍ନୟନ କାର୍ଯ୍ୟ ଚାଲୁଥିବା ବେଳେ ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷିତ କରିବାକୁ ହ୍ରଦ ଆରପଟେ ତଥା ସମୁଦ୍ର ଓ ହ୍ରଦ ମଧ୍ୟବର୍ତ୍ତୀ ଅଞ୍ଚଳର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ବୈଠକରେ ଡିଜାଇନ ଗୃହୀତ ହୋଇଥିଲା। ୮ କୋଟି ଟଙ୍କା ବ୍ୟୟରେ ପ୍ରାୟ ୫ ଏକର ଜାଗାରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପରେ ତାମ୍ପରାର ଅପରପାର୍ଶ୍ୱରେ ଏକ ଜେଟି ନିର୍ମାଣ କରାଯିବା ସହ ଉକ୍ତ ଅଞ୍ଚଳରେ ଶିଶୁଙ୍କ ପାଇଁ ରକ୍ କ୍ଲାଇମ୍ବ, ପର୍ଯ୍ୟଟକଙ୍କ ପାଇଁ ସେଲଫି ଜୋନ, ବୃକ୍ଷକୁ ନ କାଟି ତା ମଧ୍ୟଦେଇ ଯାତାୟାତ ପାଇଁ ଟ୍ରି ୱାକ ରାସ୍ତା , ଆବର୍ଜନାକୁ କମ୍ପୋଷ୍ଟ ପାଇଁ ବାୟୋଗ୍ୟାସ କମ୍ପୋଷ୍ଟିଂ ପ୍ଲାଣ୍ଟ ଆଦି ନିର୍ମାଣ କରାଯିବାର ଯୋଜନା ରହିଛି। ଏହାବ୍ୟତୀତ ପର୍ଯ୍ୟଟକଙ୍କୁ ହ୍ରଦରୁ ସମୁଦ୍ର ନିକଟକୁ ଯାତାୟାତ ପାଇଁ ମଧ୍ୟ ଏକ ପାଦଚଲା ରାସ୍ତା ନିର୍ମାଣ କରାଯିବାର ଯୋଜନା ରହିଥିବା ବୈଠକରେ ସୂଚାଯାଇଥିଲା। ଏଥିସହ ଫେବୃୟାରୀ ୨୮ରୁ ଦୁଇ ଦିନ ଧରି ଗୋପାଳପୁର ବେଳାଭୂମିରେ ପାଗୋ-୩ ମହୋତ୍ସବ ଆୟୋଜନ କରାଯିବ। ବେଳାଭୂମିରେ ଚାଲିଥିବା ସ୍ୱଚ୍ଛ ଗୋପାଳପୁର କାର୍ଯ୍ୟକ୍ରମ ପ୍ରକାରେ 'ବେଷ୍ଟ ଆଉଟ ଅଫ ୱେଷ୍ଟ' ଥିମ୍ ଉପରେ ଏହି ମହୋତ୍ସବ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବିଡିଏ ପକ୍ଷରୁ ମେ ମାସରେ ରାହଗିରି, ଶ୍ରେଷ୍ଠ ବ୍ରହ୍ମପୁର କାର୍ଯ୍ୟକ୍ରମ ଭଳି ବ୍ରହ୍ମପୁରରେ ଷ୍ଟ୍ରିଟ ଫୁଡ ଓ ପବ୍ଲିକ ଆର୍ଟ ଫେଷ୍ଟିଭାଲ ଆୟୋଜନ କରାଯିବାକୁ ବିଡିଏ ଉପାଧ୍ୟକ୍ଷ ସୂଚାଇଥିଲେ। ଏଥିସହ ଗଞ୍ଜାମ ହାଟ ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ଏଥିରେ ନିର୍ମିତ ହେବାକୁ ଥିବା ଦୋକାନ ଘର ପାଇଁ ଚଳିତ ମାସ ଶେଷ ସୁଦ୍ଧା ଟେଣ୍ଡର ବାହାର କରାଯିବା ନେଇ କୁହାଯାଇଥିଲା। ବୈଠକରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବିଡିଏ ସଚିବ ସମ୍ବିତ ରାଉତଙ୍କ ସମେତ ବିଡିଏ ଅଧିକାରୀମାନେ ଉପସ୍ଥିତ ଥିଲେ।

**ବିଡିଏର ସାଧାରଣ ବୈଠକ**



ବୈଠକରେ ବିଡିଏ ଉପାଧ୍ୟକ୍ଷ, ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

- ଖର୍ଚ୍ଚ ହେବ ୮ କୋଟି ଟଙ୍କା
- ଫେବୃୟାରୀ ୨୮ରେ ପାଗୋ ଫେଷ୍ଟିଭାଲ
- ମେରୁ ବ୍ରହ୍ମପୁରେ ଷ୍ଟ୍ରିଟ୍ ଫୁଡ୍ ଆର୍ଟ ଫେଷ୍ଟିଭାଲ

### ତହସିଲଦାରଙ୍କ ଉଦୟ ପ୍ରତାପ କଲେଜ ପରିଦର୍ଶନ ଛାତ୍ରୀଛାତ୍ର, ଅଧ୍ୟାପକଙ୍କ ଉପସ୍ଥାନ ଯାଞ୍ଚ

ଶେରଗଡ,୧୬।୧(ଡି.ଏନ୍.ଏ.)

ଶେରଗଡ ବ୍ଲକରେ ଥିବା ଉଦୟ ପ୍ରତାପ ଡିଗ୍ରୀ କଲେଜକୁ ଶେରଗଡ ତହସିଲଦାର ଡ. ଦୟାସିନ୍ଧୁ ପରିଡା ଗୁରୁବାର ପରିଦର୍ଶନରେ ଯାଇଥିଲେ। କଲେଜର କର୍ମଚାରୀ ଓ ଅଧ୍ୟାପକଙ୍କ ଉପସ୍ଥାନ ଖାତା ଯାଞ୍ଚ କରିଥିଲେ। ଏହାପରେ ଛାତ୍ରୀଛାତ୍ରମାନେ କଲେଜ ବାହାରେ ବୁଲୁଥିବା ଦେଖିଥିଲେ। ଏହାପରେ ଉକ୍ତ କାର୍ଯ୍ୟାଳୟରେ ବସି ଅଧ୍ୟାପକମାନଙ୍କୁ ଛାତ୍ରୀଛାତ୍ରଙ୍କ ପାଠପଢା ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। କଲେଜର ଉପୁଜୁଥିବା ଜମିଜମା ସମାସ୍ୟା ସମ୍ପର୍କରେ ପଚାରି ମୋ ନଜରକୁ ଅଣାଗଲେ ତାହା ଅତିଶୀଘ୍ର ସମାଧାନର ବାଟ ଫିଟିବ। ଏଣୁ ଏ ଦିଗରେ କଲେଜ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ କହିଥିଲେ।

# ସାମ୍ପ୍ରଦାୟିକ ଦଙ୍ଗା ପରିଣତି କହିଲା 'ଏକ ଅଜନବୀ'

ବ୍ରହ୍ମପୁର ଅଫିସ,୧୬।୧

**ନାଟକ ମହୋତ୍ସବର ପଞ୍ଚମ ସନ୍ଧ୍ୟା**

ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର। ତଥାପି ଏଠି ସମୟ ସମୟରେ ଦେଖାଦେଇଥାଏ ଦୁଇ ଧର୍ମ ମଧ୍ୟରେ ସାମାନ୍ୟ ମତଭେଦ। କିଛି ଲୋକଙ୍କ କ୍ୱଚିତ ସ୍ୱାର୍ଥ ଯୋଗୁ ସେହି ମତଭେଦ ପରବର୍ତ୍ତୀ ସମୟରେ ନେଇଥାଏ ଭୟଙ୍କର ରୂପ । ଜନ୍ମ ଦେଇଥାଏ ସାମ୍ପ୍ରଦାୟିକ ଦଙ୍ଗା ଭଳି ପରିସ୍ଥିତି। ପଟଣାର ବିଗତ ଦିନରେ ଘଟିଥିବା ଏଭଳି ସାମ୍ପ୍ରଦାୟିକ ଦଙ୍ଗା ସମୟର କାହାଣୀକୁ ନେଇ ପ୍ରଥମ ଜାତୀୟସ୍ତରୀୟ ତଥା ୧୨ଶ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ପଞ୍ଚମ ରଜନୀରେ ମଞ୍ଚସ୍ଥ ହୋଇଥିଲା ହିନ୍ଦୀ ଭାଷୀ ନାଟକ 'ଏକ ଅଜନବୀ' । ସାମ୍ପ୍ରଦାୟିକ ଦଙ୍ଗା ସମୟରେ ଉଭୟ ଧର୍ମ ନିଜସ୍ୱ ଲାଭ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଦଙ୍ଗା ମଧ୍ୟରେ ଦୁଇ ଧର୍ମର ସାଧାରଣ ଲୋକଟିଏ କିପରି ସର୍ବସ୍ୱ ହରାଇ ନିଃସ୍ୱ ହୋଇଯାଏ । ତାକୁ ଆଶ୍ରୟ ଦେଇଥିବା ବିପରୀତ ଧର୍ମର ପରିବାରକୁ କିପରି ପରସ୍ଥିତିର ସମ୍ମୁଖୀନ ହୋଇଥାଏ ଏଭଳି ଏକ କାହାଣୀ ନାଟକରେ ପ୍ରତିଫଳିତ ହୋଇଥିଲା । ଝାଡଖଣ୍ଡର ମାସୁମ ଆର୍ଟ ଗ୍ରୁପ କଳାକାରଙ୍କ ଦ୍ୱାରା ପରିବେଶିତ ନାଟକର ସୌକଥ ଚଟୋପାଧ୍ୟାୟ ରଚନା ଓ ନିର୍ଦ୍ଦେଶନା ଦେଇଛନ୍ତି । ଗୁରୁବାର ଓଡିଶା ନାଟକ ସମାରୋହ ସମିତି ପକ୍ଷରୁ ଚାଲିଥିବା ପ୍ରଥମ ଜାତୀୟସ୍ତରୀୟ ତଥା ୧୨ଶ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ ପୂର୍ବତନ ଛତ୍ରପୁର ବିଧାୟକ ଏନ୍. ନାରାୟଣ ରେଢ୍ଡୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଗଞ୍ଜାମ ଜିଲା ମଞ୍ଚ କଳାକାର ସମ୍ମିଳନୀର କେ. ବଳରାମ ଦାଶ, ନାଟ୍ୟଶ୍ରୀ ଫାଉଣ୍ଡେଶନ ସଭାପତି ଭବାନୀ ଶଙ୍କର ମିଶ୍ର, ଜିଲା ବିଜେଡି ମହିଳା ସଭାନେତ୍ରୀ ସଙ୍ଘମିତ୍ରା ଦଳାଇ ପ୍ରମୁଖ ମଞ୍ଚାସୀନ ଥିଲେ। ସୁନୀଲ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶଙ୍କର୍ଷଣ ସାବତ ସଭାପତିତ୍ୱ କରିଥିଲେ । କୌଳାସ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ । ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



ଝାଡଖଣ୍ଡର ମାସୁମ୍ ଆର୍ଟ ଗ୍ରୁପ ପକ୍ଷରୁ ନାଟକ 'ଏକ ଅଜନବୀ'ର ଏକ ଦୃଶ୍ୟ ।

# ଓଡିଶା ଫେରିବ ବିଜୁ ବାବୁଙ୍କ ଡାକୋଟା ବିମାନ

ଭୁବନେଶ୍ୱର,୧୬।୧(ବ୍ୟୁରୋ)

**ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଚିଠି ଲେଖିବେ ସରକାର**

ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଅତି ପ୍ରିୟ ସାଥୀ ଡାକୋଟା ବିମାନ ଓଡିଶା ଫେରିବ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଚିଠି ଲେଖାଯିବ ବୋଲି ରାଜ୍ୟ ପରିବହନ ବିଭାଗ ସ୍ୱତନ୍ତ୍ର ସଚିବ ମନୋଜ ମିଶ୍ର ଗୁରୁବାର ସୂଚନା ଦେଇଛନ୍ତି। ବିଜୁ ବାବୁଙ୍କ କଳିଙ୍ଗ ଏୟାରଲାଇନ୍ସର ଡାକୋଟା ବିମାନ ଏବେ ପଶ୍ଚିମବଙ୍ଗର ନେତାଜୀ ବିମାନବନ୍ଦରରେ ଜରାଜୀର୍ଣ୍ଣ ଅବସ୍ଥାରେ ଡମ୍ପିୟାର୍ଡରେ ପଡି ରହିଛି। ଏହାକୁ ଓଡିଶା ଫେରାଇ ଆଣିବା ସକାଶେ ଲୋକସେବା ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଡାକୋଟା ଫେରାଇ ଆଣିବା ନେଇ ଏକ ପ୍ରସ୍ତାବକୁ ଅନମୋଦନ ମିଳିଥିବା ମନୋଜ କହିଛନ୍ତି। ଓଡିଶାକୁ ଡାକୋଟା ବିମାନ ଆସିବାପରେ ତାହା କେଉଁଠି ରହିବ ସେନେଇ ନିଷ୍ପତ୍ତି ନିଆଯିବ ବୋଲି ପରିବହନ ସଚିବ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୧୯୪୭ ରେ ପାକିସ୍ତାନୀ ଶତ୍ରୁବଳୟ ଭିତରେ ପଶି ଶ୍ରୀନଗରରେ ଭାରତୀୟ ସେନାକୁ ଏୟାରଲିଫ୍ଟ କରିବା ହେଉ ବା ସେନା ପାଇଁ ଗୋଳାବାରୁଦ ଓ ଔଷଧ ପରିବହନ ସହ ଇଣ୍ଡୋନେସିଆ ପ୍ରଧାନମନ୍ତ୍ରୀଙ୍କୁ ଡଚ୍‌ଙ୍କ କବଳରୁ ଉଦ୍ଧାର ଏହି ସମସ୍ତ ଦୁଃସାହସିକ ଅଭିଯାନରେ ବିଜୁ ବାବୁଙ୍କ ସାଥୀ ଥିଲା ଡାକୋଟା ବିମାନ। ଏହା ପଶ୍ଚିମବଙ୍ଗ ବିମାନବନ୍ଦରରେ ଦୟନୀୟ ଅବସ୍ଥାରେ ପଡିଥିବାବେଳେ ଏହାକୁ ଫେରାଇ ଆଣିବାକୁ ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆର ଅଧ୍ୟକ୍ଷଙ୍କୁ ପୂର୍ବରୁ ରାଜ୍ୟ ସରକାର ଚିଠି ଲେଖିସାରିଛନ୍ତି। ସେହି ସମୟରେ ଡାକୋଟା ବିମାନକୁ ଓଡିଶା ଆଣାଯାଇ ତାକୁ ସ୍ମାରକୀରେ ପରିଣତ କରିବାକୁ ଯୋଜନା କରାଯାଇଥିଲା। ମାତ୍ର କେଉଁଠାରେ ଏହା ରଖାଯିବ ସେନେଇ କିଛି ସ୍ଥିର ହୋଇ ନ ଥିଲା। ଏହା ବିଜୁ ବାବୁଙ୍କ ଜନ୍ମସ୍ଥାନ କଟକ ଆନନ୍ଦ ଭବନରେ ରଖିବାକୁ ଯୋଜନା ହେଉଥିବା ବେଳେ ସେଠାରେ ଏହାକୁ ରଖିବା ଭଳି ବଡ ସ୍ଥାନ ନ ଥିବାରୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ରଖିବା ନେଇ ଚିନ୍ତା କରାଯାଉଛି।

# ପରିକ୍ରମା ନ କରି ଫେରିଲା ବିକାଶ ରଥ

ଦିଗପହଣ୍ଡି,୧୬।୧(ଡି.ଏନ୍.ଏ.)

**ସରପଞ୍ଚଙ୍କ ବିଦ୍ରୋହ**

ଦିଗପହଣ୍ଡି ବ୍ଲକ ଚଷା ନିମଖଣ୍ଡି ପଞ୍ଚାୟତ ସରପଞ୍ଚ ସୁଦର୍ଶନ ନାୟକ ବ୍ଲକ ପ୍ରଶାସନ ବିରୋଧରେ ବିଦ୍ରୋହ ଘୋଷଣା କରିଛନ୍ତି। ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସରକାରୀ ଯୋଜନାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ବିକାଶ ରଥ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେ ରଥ କୁ ପରିକ୍ରମା କରିବାପାଇଁ ମନା କରିବାରୁ ରଥ ଫେରିଆସିଥିବା ବିଡ଼ିଓ ହଳଧର ଶବର କହିଛନ୍ତି। ବିଭିନ୍ନ ସରକାରୀ ଯୋଜନାର ହିତାଧିକାରୀ ଚୟନରେ ସରପଞ୍ଚଙ୍କ ମତାମତ କିମ୍ବା ସୁପାରିଶକୁ ଗ୍ରହଣ କରା ନ ଯାଇ ନିର୍ଦ୍ଦିଷ୍ଟ କେତେଜଣ ବ୍ୟକ୍ତିଙ୍କ ଦ୍ୱାରା ବ୍ଲକ ପ୍ରଶାସନ ପରିଚାଳିତ ହେଉଥିବା ସେ ଅଭିଯୋଗ କରିଛନ୍ତି। ଗ୍ରାମସଭାରେ ନିଷ୍ପତ୍ତି କରାଯାଉଥିବା ଉନ୍ନୟନ କାମ କରା ନ ଯାଇ ଦଳୀୟ ବାଛବିଚାର କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ବିଡ଼ିଓ ସରପଞ୍ଚଙ୍କ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ସରକାରଙ୍କ ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ ଅନୁଯାୟୀ ସମସ୍ତ ଉନ୍ନୟନ କାମ କରାଯାଉଥିବା ସେ ଉଲ୍ଲେଖ କରିଛନ୍ତି। ଗ୍ରାମସଭା ଓ ପଲ୍ଲୀସଭା ଆଧାରରେ ସମସ୍ତ ଯୋଜନାର ହିତାଧିକାରୀ ଚୟନ କରାଯାଇଥିଲେ ମଧ୍ୟ ସରପଞ୍ଚ ପ୍ରତିକ୍ରିୟାଶୀଳ ହେବା ଠିକ ନୁହେଁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ପଞ୍ଚାୟତର ବିଭିନ୍ନ ଗାଁରେ ବହୁ ସଂଖ୍ୟକ ଗରିବ ଅସହାୟ ହିତାଧିକାରୀଙ୍କୁ ରାଶନ କାର୍ଡ ଠାରୁ ଆରମ୍ଭ କରି ଆବାସ ଯୋଜନାରେ ସାମିଲ କରାଯାଇନାହିଁ। ଧନଶାଳୀ ବ୍ୟକ୍ତିଙ୍କୁ ଏହି ଯୋଜନାରେ ସାମିଲ କରାଯାଇଥିବା ସରପଞ୍ଚ ଅଭିଯୋଗ କରିଛନ୍ତି। ଏନେଇ ସେ ଗଞ୍ଜାମ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିବା କହିଛନ୍ତି।

### ରକ୍ତଦାନ ଶିବିର

ଛତ୍ରପୁର,୧୬।୧(ଡି.ଏନ.ଏ.)

ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଯୁବ ରେଡକ୍ରସ୍ ଅନୁଷ୍ଠାନ ପକ୍ଷରୁ ଗୁରୁବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡକ୍ରସ୍ ପରାମର୍ଶଦାତା ମନୋରଞ୍ଜନ ମହାରଣା ଶିବିର ପରିଚାଳନା ଓ ବ୍ଲଡ ବ୍ୟାଙ୍କ ତରଫରୁ ଡ. ରଶ୍ମିତା ପାଣିଗ୍ରାହୀ ତାଙ୍କ ଟିମ୍ ସହ ଏହି କାର୍ଯ୍ୟ ସମ୍ପାଦନା କରିଥିଲେ। ବୁଦ୍ଧୁରାମ ସିଂ, ପ୍ରଭାକର ପାଢୀ, ସର୍ବେଶ୍ୱର ନାୟକଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ ତାପସ ରଞ୍ଜନ ରଥ, ରଞ୍ଜିତ ପଣ୍ଡା, କୁକୁନ୍ ମିଶ୍ରଙ୍କ ସମେତ ରେଡକ୍ରସ୍‌ର ଭଲ୍ୟୁଣ୍ଟର ଓ ଏନ୍‌ସିସି ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ । ଅଧ୍ୟାପକ, ଛାତ୍ରୀଛାତ୍ରମାନେ ରକ୍ତ ଦାନ କରିଥିଲେ। ୩୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା ।

# ଗଞ୍ଜେଇ ଜବତ, ଯୁବକ ଗିରଫ

ଭଞ୍ଜନଗର,୧୬।୧(ଡି.ଏନ.ଏ)

ଭଞ୍ଜନଗର ପୋଲିସ ବୁଧବାର ସନ୍ଧ୍ୟାରେ ଚୋରା ଗଞ୍ଜେଇ ଚାଲାଣ ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ସେ ହେଲେ କୁଲାଡ଼ର କାହ୍ନୁ ପାତ୍ର। କାହ୍ନୁଙ୍କ ଠାରୁ ୪ କେଜି ୩୭୫ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏନେଇ ଭଞ୍ଜନଗର ଥାନାରେ ନଂ.୨୮।୨୦ରେ ଏକ ମାମଲା ରୁଜୁହୋଇଛି। ଗୁରୁବାର କାହ୍ନୁଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, କାହ୍ନୁ ବୁଧବାର ସନ୍ଧ୍ୟାରେ ଦୁର୍ଗାପ୍ରସାଦ ଠାରେ ଗଞ୍ଜେଇ ଧରି ବସ୍‌କୁ ଅପେକ୍ଷା କରିଥିଲେ ଭଞ୍ଜନଗର ଅଭିମୁଖେ ଆସିବା ପାଇଁ। ଏହି ସମୟରେ ପାଟ୍ରୋଲିଂ କରୁଥିବା ଭଞ୍ଜନଗର ଥାନା ଏସ୍.ଆଇ. ନିରଞ୍ଜନ ଦାସ ସୂଚନା ପାଇ ଘଟଣାସ୍ଥଳରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଦିଗପହଣ୍ଡି,୧୬।୧(ଡି.ଏନ.ଏ.)

- ଝିଅକୁ ନିର୍ଯାତନା ଦିଆଯାଉଥିବା ନେଇ ମା'ଙ୍କ ଏତଲା
- ସ୍ୱାମୀ କହୁଛନ୍ତି ଆତ୍ମହତ୍ୟା
- ୧୦ ଘଣ୍ଟା ପରେ ମୃତଦେହ ଜବତ

ଦିଗପହଣ୍ଡି ବ୍ଲକ କୈଠଡା ପଞ୍ଚାୟତ ଓଡ଼ାସିଙ୍ଗି ଗ୍ରାମ ବଡ଼ ସାହିର ଶୁକଦେବ ରେଢ୍ଡୀଙ୍କ ସ୍ତ୍ରୀ ଲିଲିଙ୍କର ଗୁରୁବାର ମଧ୍ୟାହ୍ନରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ଘର ଭିତରୁ ଝୁଲନ୍ତା ଅବସ୍ଥାରେ ମୃତଦେହକୁ ଉଦ୍ଧାର କରାଯାଇଛି। ଖବରପାଇ ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ରନାଥ ମୁର୍ମୁ, ଦିଗପହଣ୍ଡ ଆଇଆଇସି ବସନ୍ତ କୁମାର ସେଠୀ ଗାଁରେ ପହଞ୍ଚି ସବିଶେଷ ରିପୋର୍ଟ ସଂଗ୍ରହ କରି ଫେରିଛନ୍ତି। ଭୁବନେଶ୍ୱରରେ ରହୁଥିବା ଲିଲିଙ୍କ ମା' ମମି ରେଢ୍ଡୀ ସନ୍ଧ୍ୟା ପ୍ରାୟ ୭ ଟାରେ ଗାଁରେ ପହଞ୍ଚିବା ପରେ ଥାନାକୁ ଯାଇ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ମାମଲା ନଂ. ୧୦/୨୦ ଅନୁଯାୟୀ ପୋଲିସ ରାତି ପ୍ରାୟ ୧୦ ଟାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଛି। ସ୍ୱାମୀ ଶୁକଦେବ ସକାଳେ ଚାଷଜମିକୁ ଯାଇଥିଲେ। ଲିଲି ଘରେ ଏକୁଟିଆ ଥିଲେ । ସେ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଲୁଗା ବାନ୍ଧି ଆତ୍ମହତ୍ୟା କରିଥିବା ସ୍ୱାମୀ ଶୁକଦେବ ପୋଲିସ ନିକଟରେ ବୟାନ ଦେଇଛନ୍ତି। ଅପରପକ୍ଷରେ ତାଙ୍କ ଝିଅଙ୍କୁ ସ୍ୱାମୀ ଓ ସମ୍ପର୍କୀୟ ଲୋକେ ନିର୍ଯାତନା ଦେଉଥିଲେ ବୋଲି ଏତଲାରେ ଉଲ୍ଲେଖ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି। ନରେନ୍ଦ୍ରପୁର ଗାଁର ପାଣ୍ଡବ ରେଢ୍ଡୀଙ୍କ ଝିଅ ଲିଲି ୫ ବର୍ଷ ପୂର୍ବେ ଓଡ଼ାସିଙ୍ଗି ଗାଁର ଲବ ରେଢ୍ଡୀଙ୍କ ପୁଅ ଶୁକଦେବଙ୍କୁ ବିବାହ କରିଥିଲେ । ଲିଲିଙ୍କ ବାପା କୌଣସି କାରଣରୁ ନରେନ୍ଦ୍ରପୁର ଗାଁ ଛାଡ଼ି ପରିବାର ସହ ଶ୍ୱଶୁର ଘର ଓଡ଼ାସିଙ୍ଗିରେ ଗତ କିଛିବର୍ଷ ହେଲା ରହି ଆସୁଛନ୍ତି। ପାଣ୍ଡବ ବାହାର ରାଜ୍ୟରେ କାମ କରୁଥିବା ବେଳେ ଜ୍ୱାଇଁ ଶୁକଦେବ ମଧ୍ୟ ଅନ୍ୟ ରାଜ୍ୟରେ କାମ କରନ୍ତି। ମକର ପର୍ବ ନିମନ୍ତେ ଶୁକଦେବ ଗତ ୨ ଦିନ ହେଲା ଗାଁକୁ ଆସିଥିଲେ।

# ଅସହାୟଙ୍କ ଆଶାବାଡ଼ି ସାଜିଛି ଇନରହ୍ୱିଲ କ୍ଲବ

ବ୍ରହ୍ମପୁର ଅଫିସ୍,୧୬।୧

ରେଶମନଗରୀ ବ୍ରହ୍ମପୁର କେବଳ ବାଣିଜ୍ୟର କେନ୍ଦ୍ରସ୍ଥଳୀ ନୁହେଁ । ମହାନଗର ନିଗମ ମହିଳାମାନେ ବିଭିନ୍ନ ସଂଗଠନ ମାଧ୍ୟମରେ ଜନକଲ୍ୟାଣ କାର୍ଯ୍ୟରେ ସର୍ବଦା ଆଗଧାଡ଼ିରେ ରହିଛନ୍ତି। ବର୍ତ୍ତମାନ ସମାଜସେବା କାର୍ଯ୍ୟ ମହିଳା ସଂଗଠନ ଦ୍ୱାରା ହୋଇଆସୁଛି। ରେଶମନଗରୀରେ ୨୦୦୯ରେ ପ୍ରତିଷ୍ଠିତ ହୋଇଥିଲା 'ଇନରହ୍ୱିଲ କ୍ଲବ'। ଏହି ସଂଗଠନ ସଭାନେତ୍ରୀ କେ. କ୍ରିଷ୍ଣା କୁମାରୀଙ୍କ ନେତୃତ୍ୱରେ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟ କରି କ୍ଲବ ପ୍ରଶଂସା ସାଉଁଟି ପାରିଛି । ଏହି ସଂସ୍ଥା ବିଭିନ୍ନ ବିଦ୍ୟାଳୟ, ଅନାଥ, ବୃଦ୍ଧା, ବୃଦ୍ଧ, ଦିବ୍ୟାଙ୍ଗ ଓ ଗରିବ ଲୋକଙ୍କ ସୁଖଦୁଃଖର ସାଥୀ ହୋଇ ରହିଆସିଛି। ବ୍ରହ୍ମପୁର ଇନରହ୍ୱିଲ କ୍ଲବ୍‌ରେ ବର୍ତ୍ତମାନ ୧୦୧ ସଦସ୍ୟ ରହିଥିବା ବେଳେ ସେମାନେ ନିଜସ୍ୱ ଅର୍ଥ ସଂଗ୍ରହ କରି ସମାଜସେବାରେ ନିଜକୁ ଲିପ୍ତ ରଖିଛନ୍ତି। ଏହାର ସଦସ୍ୟମାନେ ବିଭିନ୍ନ ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରୁଛନ୍ତି। ଏଠାରେ ଥିବା ବିଭିନ୍ନ ସମସ୍ୟାକୁ ଗୁରୁତ୍ୱ ଦେଇ ପାନୀୟଜଳ, ଡ଼ଷ୍ଟବିନ୍, ଚେୟାର ବେଞ୍ଚ ଓ ପୋଷାକ ଇତ୍ୟାଦି ବିତରଣ କରିବା ସହ ଶୀତବସ୍ତ୍ର ମଧ୍ୟ ପ୍ରଦାନ କରୁଛନ୍ତି। ୨୦୧୭ରେ କ୍ଲବ୍ ପକ୍ଷରୁ ଦୃଷ୍ଟି ଆନନ୍ଦ ମେଳା ମାଧ୍ୟମରେ ୩ ଦୃଷ୍ଟିହୀନଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରି ସଫଳ ହୋଇଛନ୍ତି। ଆନ୍ତର୍ଜାତିକସ୍ତରରେ ଏହାର ମୂଳ ଉଦ୍ଦେଶ୍ୟ ହେଲା 'ଟୁଗେଦର ୱି କ୍ୟାନ୍'। ଜାତୀୟସ୍ତରରେ 'ମିଶନ ମମତା' ପ୍ରକଳ୍ପ ମାଧ୍ୟମରେ ଅନାଥ, ବୃଦ୍ଧାଶ୍ରମ ପିଲାଙ୍କୁ ଖାଦ୍ୟ, ପୋଷାକ, ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ସଫଳ ହୋଇପାରିଛି। ଗତ ୨ ମାସ ହେଲା 'ବାଉଲ ଅଫ୍ ହାପିନେସ୍' ଯୋଜନା ଦ୍ୱାରା ଏହି କ୍ଲବ୍ 'ହନୁମାନ ଚାଳିଶା' ନାମକ ଏକ ଅନାଥ ସଂଘର ପ୍ରାୟ ୨୦ ସଦସ୍ୟଙ୍କୁ ପ୍ରତି ମାସରେ ୫୦ କି.ଗ୍ରା. ଚାଉଳ ନିଜସ୍ୱ ପାଣ୍ଠିରୁ ଯୋଗାଉଛି। ସେହିପରି ପୂର୍ବରୁ କମ୍ବଳ ଓ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିଲା ।

କିଛି ଦିନ ପୂର୍ବରୁ ଏହି କ୍ଲବ ଦକ୍ଷିଣପୁର ପଞ୍ଚାୟତର ଆମ୍ବଗଡ଼ ଗ୍ରାମରେ ଏକ ଯକ୍ଷ୍ମା ଚିହ୍ନଟ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଗ୍ରାମରେ ଥିବା ବିଦ୍ୟାଳୟରେ ପ୍ରାୟ ୧୬୦ ଛାତ୍ରୀଛାତ୍ରଙ୍କୁ ମାଗଣାରେ ଜଳ ପରିସ୍ରବଣ ଯନ୍ତ୍ର, କ୍ରୀଡ଼ା ସାମଗ୍ରୀ, ଶୀତବସ୍ତ୍ର, ଡ଼ଷ୍ଟବିନ୍, ପୋଷାକ ବିତରଣ କରାଯିବା ସହ ବିଦ୍ୟାଳୟ କାନ୍ଥ ରଙ୍ଗ କରିବା, ଖେଳପଡ଼ିଆ ମରାମତି କାର୍ଯ୍ୟ କରିଥିଲେ। କେବଳ ସେତିକି ନୁହେଁ ବିବାହ କାର୍ଯ୍ୟ ମଧ୍ୟ ଏହି କ୍ଲବ ଦ୍ୱାରା ପ୍ରତିବର୍ଷ ସମ୍ପାଦିତ ହୋଇଥାଏ ।



ଶୀତବସ୍ତ୍ର ବଣ୍ଟନ କରାଯାଉଛି ।

**ସେମାନେ ଯାହା କୁହନ୍ତି**



ଏହି କ୍ଲବ ସଦସ୍ୟ ହେବା ସହ ସଭାନେତ୍ରୀ ହୋଇଥିବାରୁ ନିଜକୁ ଗର୍ବ ମନେ କରୁଛି। ଆମେ ନିଜେ ଅର୍ଥ ସଂଗ୍ରହ କରି ଯଥାସାଧ ସର୍ବଦା ସମାଜ ମଙ୍ଗଳ ଉଦ୍ଦେଶ୍ୟରେ କାର୍ଯ୍ୟ କରୁଛୁ। ଆଗାମୀ ଦିନରେ ମଧ କରିବୁ । ଚଳିତ ମାସରେ ବ୍ରହ୍ମପୁର ନଗର ଚିକିତ୍ସାଳୟରେ କମ୍ବଳ ବଣ୍ଟନ କରିବାର ଯୋଜନା ଚାଲିଛି।

**-ସୋନାଲି ହାଜରା, ସଭାନେତ୍ରୀ, ଇନରହ୍ୱିଲ କ୍ଲବ**



ଏହି କ୍ଲବ ଏକ ଉତ୍ତମ ସେବା ପ୍ରଦାନକାରୀ ସଂଗଠନ । ଆମେ ସର୍ବଦା ମିଳିମିଶି ସମାଜସେବାରେ ନିଜକୁ ନିୟୋଜିତ କରିଛୁ । ଅନ୍ୟ କ୍ଲବ ଯେଉଁ କାର୍ଯ୍ୟ କରିବା କଥା ଭାବିନଥିବେ ତାହା ଇନରହ୍ୱିଲର କ୍ଲବ କାମରେ କରିଥାଏ ।

**- ରଞ୍ଜନା ମିଶ୍ର, ନବ ନିର୍ବାଚିତ ସମ୍ପାଦିକା, ଇନରହ୍ୱିଲ କ୍ଲବ୍**

# ୪୦୪ ସ୍କୁଲରେ ନାହିଁ ରୋଷେଇ ଘର

## ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ହେଉଛି ମଧ୍ୟାହ୍ନଭୋଜନ

**ଫୁଲବାଣୀ ଅଫିସ, ୧୬।୧**

ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଦେବାପାଇଁ ବିଦ୍ୟାଳୟ ପରିସରରେ ରୋଷେଇ ଗୃହ ନିର୍ମାଣ ପାଇଁ ନିର୍ଦ୍ଦେଶ ରହିଛି। ହେଲେ କନ୍ଧମାଳ ଜିଲାରେ ଚାଲିଛି ମନମୁଖୀ କାର୍ଯ୍ୟ। କେତେକ ବିଦ୍ୟାଳୟରେ ଅସ୍ୱାସ୍ଥ୍ୟକର ପରିବେଶରେ

**କନ୍ଧମାଳ ଜିଲା**

ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉଛି। ବିଭାଗୀୟ ଅଧିକାରୀଙ୍କ ଉଦାସୀନତା, ସମନ୍ୱୟ ଅଭାବ ଯୋଗୁ ଏହା ଫଳପ୍ରଦ ହୋଇପାରୁନାହିଁ। ପର୍ଯ୍ୟାପ୍ତ ଅର୍ଥ ଥିଲେ ମଧ କାହିଁକି ରୋଷେଇ ଘର ନିର୍ମାଣ ହୋଇପାରୁନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଏବେ ବିଦ୍ୟାଳୟର ବିଲ୍ଡିଂ ହେଉ ଅବା ଅନ୍ୟ କୌଣସି କାମ ସବୁ ପଞ୍ଚାୟତ କରିବ ବୋଲି ନିୟମ ହୋଇଛି। ପଞ୍ଚାୟତକୁ କୋଟି କୋଟି ଟଙ୍କା ଆସୁଥିଲେ ମଧ ବିଦ୍ୟାଳୟରେ ରୋଷେଇ ଗୃହ ନିର୍ମାଣ ପ୍ରତି ଦୃଷ୍ଟି ଦିଆଯାଉନାହିଁ।

ଜିଲାରେ ୧୮୭୧ଟି ସରକାରୀ ବିଦ୍ୟାଳୟ ମଧ୍ୟରୁ ୧୪୬୭ଟିରେ ରୋଷେଇ ଘର ନିର୍ମାଣ କରାଯାଇଛି। ଅନ୍ୟ ୪୦୪ଟି ବିଦ୍ୟାଳୟରେ ରୋଷେଇ


ଖୋଲାରେ ହୋଇଥିବା ରୋଷେଇ ଘର।

ଘର ନ ଥିବାରୁ କେଉଁଠି ଗଛମୂଳେ ତ ଆଉ କେଉଁଠି ଖୋଲା ପରିତ୍ୟକ୍ତ ସ୍ଥାନରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରାଯାଉଛି। ବର୍ଷାଦିନ ଆସିଲେ ଏସବୁ ବିଦ୍ୟାଳୟରେ ବହୁସମସ୍ୟା ଉପୁଜିଥାଏ। ରୋଷେଇ ଘର ପାଇଁ କମ୍ ଅର୍ଥ ଅନୁଦାନ ଦିଆ ଯାଉଥିବାରୁ ଠିକାଦାରମାନେ ଏହି କାର୍ଯ୍ୟ କରିବାକୁ ଇଚ୍ଛା ପ୍ରକାଶ କରୁଥିବା ଜାଣିବାକୁ ମିଳିଛି।

ମିଳିଥିବା ସୂଚନା ଅନୁସାରେ, କେବଳ ଦାରିଙ୍ଗବାଡି ବ୍ଲକର ସମସ୍ତ ସ୍କୁଲରେ ମଧ୍ୟାହ୍ନ ଭୋଜନ ଗୃହ ନିର୍ମାଣ କାର୍ଯ୍ୟ ସରିଛି। ବାଲିଗୁଡା ବ୍ଲକରେ ୧୯୯ ବିଦ୍ୟାଳୟ ମଧ୍ୟରୁ ୧୭୧ଟିରେ ରୋଷେଇ ଗୃହ କାମ ସରିଛି। ୨୮ଟିରେ ନିର୍ମାଣ ହୋଇନାହିଁ। ସେହିପରି ଜି.ଉଦୟଗିରି ବ୍ଲକରେ ୯୮ ବିଦ୍ୟାଳୟ ମଧ୍ୟରୁ ୪୨ଟି, କ.ନୂଆଗାଁ ବ୍ଲକରେ ୧୩୮ ମଧ୍ୟରୁ ୬୦ଟି, ଖଜୁରିପଡା ବ୍ଲକରେ ୧୪୦ ବିଦ୍ୟାଳୟ ମଧ୍ୟରୁ ୫୫ ବିଦ୍ୟାଳୟରେ ରୋଷେଇ ଘରନାହିଁ। କୋଟଗଡ ବ୍ଲକରେ ୧୬୨ ବିଦ୍ୟାଳୟ ମଧ୍ୟରୁ ୫୨ଟରେ ରୋଷେଇ ଘର ନ ଥିବା ବେଳେ ଫିରିଙ୍ଗିଆରେ ୨୧୫ ବିଦ୍ୟାଳୟରୁ ୮, ଫୁଲବାଣୀରେ ୧୩୯ ବିସ୍ୟାଳୟରୁ ୭ଟି, ଟିକାବାଲିରେ ୧୦୨ ବିଦ୍ୟାଳୟରୁ ୯ଟି, ତୁମୁଡିବନ୍ଧରେ ୧୫୩ ବିଦ୍ୟାଳୟରୁ ୧୯ଟି, ରାଇକିଆ ବ୍ଲକରେ ୧୨୯ ବିଦ୍ୟାଳୟ ମଧ୍ୟରୁ ୯୪ଟି ଏବଂ ଚକାପାଦ ବ୍ଲକରେ ୧୨୩ ବିଦ୍ୟାଳୟ ମଧ୍ୟରୁ ୩୦ ବିଦ୍ୟାଳୟରେ ରୋଷେଇ ଘର ନାହିଁ। ଏ ସମ୍ପର୍କରେ ଜଣେ ପ୍ରଶାସନିକ ଅଧିକାରୀ କହିଛନ୍ତି, ସରକାର ଗତବର୍ଷ ସ୍କୁଲ ନିର୍ମାଣ, ମରାମତି ଦାୟିତ୍ୱ ପଞ୍ଚାୟତକୁ ହସ୍ତାନ୍ତର କରିଛନ୍ତି। ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟ ପଞ୍ଚାୟତ ଦ୍ୱାରା କରାଯିବ। ଉଚ୍ଚ ବିଦ୍ୟାଳୟ କାର୍ଯ୍ୟ ଆର୍‌ଡି ବିଭାଗ କରିବ। କାର୍ଯ୍ୟ ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ କୌଣସି ଫଣ୍ଡ(ଅର୍ଥ) ଦିଆଯାଇନାହିଁ। ରାଜ୍ୟ ସରକାରଙ୍କ ଚତୁର୍ଦ୍ଦଶ ଅର୍ଥ କମିଶନରୁ କିଛି ଟଙ୍କା ଏ ବାବଦରେ ରଖାଯାଇଛି। ବିଭାଗ ପକ୍ଷରୁ ଅର୍ଥ ବ୍ୟୟବରାଦ ହେଲେ କାମ ଆରମ୍ଭ ହେବ। ଅନ୍ୟପକ୍ଷରେ ଜିଲା ଗ୍ରାମ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକଙ୍କୁ ପଚାରିବାରୁ ବିଡିଓମାନଙ୍କୁ ପଚାରି ବୁଝିବା ପରେ କହିବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ବିଗତ ଦିନରେ ଖୋଲାରେ ଓ ଅସ୍ୱାସ୍ଥ୍ୟକର ପରିବେଶରେ ମଧ୍ୟାହ୍ନଭୋଜନ ରନ୍ଧାଯିବା ଫଳରେ ସେଥିବରେ ପୋକ, ଝିଟିପିଟି ଆଦି ପଡିବା ଓ ତାହାକୁ ଖାଇ ଛାତ୍ରୀଛାତ୍ର ଅସୁସ୍ଥ ହୋଇଥିବା ନଜିର ରହିଛି। ତେଣୁ ପିଲାମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀ, ସରପଞ୍ଚ, ସମିତି ସଭ୍ୟମାନେ ତୁରନ୍ତ ଯେଭଳି ରୋଷେଇ ଘର ନିର୍ମାଣ କରାଯିବ ସେ ନେଇ କାର୍ଯ୍ୟ କରିବାକୁ ଦାବି ହେଉଛି।

## ସଂକ୍ଷେପରେ

### ପୃଥକ୍ ଦୁର୍ଘଟଣାରେ ୨ ଗୁରୁତର

**ଦାରିଙ୍ଗବାଡ଼ି,୧୬।୧(ଡି.ଏନ୍.ଏ):** ଗୋଟିଏ ପଟେ ୩୧ ତମ ଜାତୀୟ ସଡ଼କ ସୁରକ୍ଷା ଦିବସ ପାଳନ କରାଯାଇ ଜନସଚେତନତା କରାଯାଉଥିବାବେଳେ ଅନ୍ୟପଟେ ଦୁର୍ଘଟଣା ବଢୁଛି। ଗୁରୁବାର ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ୨ଟି ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇ ୨ ଜଣ ଗୁରୁତର ଆହତ ହେବାସହ ଜଣେ ଶିଶୁଙ୍କ ସମେତ ୫ଜଣ ଆହତ ହୋଇଛନ୍ତି। ଗୁରୁତରମାନେ ହେଲେ ବଡାଙ୍ଗିଆ ଗ୍ରାମର ଜିତୁ ବଲିଆରସିଂ ଏବଂ ଗାଙ୍ଗୁଲି ବଲିଆରସିଂ। ଜିତୁଙ୍କୁ ଦାରିଙ୍ଗବାଡ଼ି ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛଇ। ପୋଲିସ ଅଟୋ ଜବତ କରି ତଦନ୍ତ ଚଳାଇଛି। ୨ଟି ଯାକ ଅଟୋ ଦାରିଙ୍ଗବାଡ଼ି-ବ୍ରାହ୍ମଣୀଗାଁ ରାସ୍ତା ଡୁଲୁରୀ ପାଇନବଣ ନିକଟ ଏବଂ ହେଲିପ୍ୟାଡ ପଡ଼ିଆ ନିକଟରେ ହୋଇଥିବା ପୋଲିସ ସୂତ୍ରରୁ ଜଣାପଡିଛି। ସେହିପରି ଦାରିଙ୍ଗବାଡ଼ି ଥାନା ଏବଂ କ.ନୂଆଗାଁ ଥାନା ସିମାବର୍ତ୍ତୀ ଲକଟି ଘାଟି ନିକଟରେ ଏକ ମାଲ୍ ବୋଝେଇ ଟ୍ରକ୍ (ନଂ.ଓଡି-୦୭ଜେ-୯୦୦୨) ଓଲଟି ଚାଳକ ସାମାନ୍ୟ ଆହତ ହୋଇଥିଲେ। ୫୯ ନଂ. ଜାତୀୟ ରାଜପଥରେ ଗାଡି ଚଳାଚଳ କିଛିସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା। ପୋଲିସ ପହଞ୍ଚି ଟ୍ରକଟିକୁ ରାଜପଥରୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

### ବ୍ରାହ୍ମଣ ସମାଜର କାର୍ଯ୍ୟକାରିଣୀ ବୈଠକ

**ଫୁଲବାଣୀ ଅଫିସ, ୧୬।୧:** ଟିକାବାଲି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବୁଧବାର ବ୍ରାହ୍ମଣ ସମାଜର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଲକ୍ଷ୍ମଣ ପାଣିଗ୍ରାହୀ ଏଥିରେ ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ପଣ୍ଡିତ ଜଗବନ୍ଧୁ ଦାସ ଯୋଗଦେଇ ସମସ୍ତଙ୍କୁ ବ୍ରାହ୍ମଣର ଧର୍ମ, କର୍ତ୍ତବ୍ୟ ସମ୍ପର୍କରେ ଅବଗତ କରିଥିଲେ। ବୈଠକରେ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ନୂତନ ଯୁବ ବାହିନୀ 'ପର୍ଶୁରାମ ବାହିନୀ' ଗଠନ କରାଯାଇଥିଲା। ଏହାର ସଭାପତି ଭାବେ ଗୋପାଳକୃଷ୍ଣ ପଣ୍ଡା, ଉପ ସଭାପତି ଶିବ ଶଙ୍କର ପାଣିଗ୍ରାହୀ, ସମ୍ପାଦକ ଶୁଭେନ୍ଦୁ ଦାସ, ସହ ସମ୍ପାଦକ ରାକେଶ କୁମାର ମିଶ୍ର, କୋଷାଧ୍ୟକ୍ଷ ଭାବେ ତ୍ରିଲୋଚନ ତିଆଡିଙ୍କୁ ସର୍ବସମ୍ମିତକ୍ରମେ ମନୋନୀତ କରାଯାଇଥିଲା। ଟିକାବାଲି ବ୍ରାହ୍ମଣ ସମାଜର ସମସ୍ତ ପରିବାରର ସୁବିଧା ଅସୁବିଧାରେ ଏହି ପର୍ଶୁରାମ ବାହିନୀ କାର୍ଯ୍ୟ କରିବ।

### ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କୁ ତାଲିମ

**ଫୁଲବାଣୀ ଅଫିସ, ୧୬।୧:** ଫୁଲବାଣୀ କୋର୍ଟ ପରିସର କନଫରେନ୍ସ ହଲରେ ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କୁ ନେଇ ୩ ଦିନିଆ ଏକ ତାଲିମ କାର୍ଯ୍ୟକ୍ରମ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାରେ କାର୍ଯ୍ୟ କରୁଥିବା ପ୍ରାୟ ୫୦ଜଣ ପାରାଲିଗାଲ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ସେମାନଙ୍କୁ ଭାରତୀୟ ପିଙ୍ଗଳ କୋର୍ଡ, ଭାରତୀୟ ଦଣ୍ଡ ସଂହିତା ଏବଂ ଜାତୀୟ ଆଇନ ସେବା ପ୍ରାଧିକରଣ ଯୋଜନା, ଶିଶୁ ସୁରକ୍ଷା ଧାରା, ବରିଷ୍ଠ ନାଗରିକଙ୍କ ଅଧିକାର, ସାଧାରଣ ଲୋକଙ୍କ ପାଇଁ ଥିବା ଆଇନ ସେବା ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦିକା ପତଞ୍ଜଳୀ ସାହୁ, ଲୋକ ଅଦାଲତ ବିଚାରପତି ସନ୍ତୋଷ କୁମାର ନାୟକ, ତାଲିମଦାତା ଭାବେ ଆଇନଜୀବୀ ଭି.ଭି. ରାମଦାସ, ବିଜୟକୃଷ୍ଣ ପଟ୍ଟନାୟକ, ସିଦ୍ଧେଶ୍ୱର ଦାସ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ।

### ବ୍ୟବସାୟୀ ସଂଘ କର୍ମକର୍ତ୍ତା ଚୟନ

**ରାଇକିଆ,୧୬।୧(ଡ଼ି.ଏନ.ଏ):** ରାଇକିଆ ବ୍ୟବସାୟୀ ସଂଘର ଏକ ବୈଠକ ବୁଧବାର ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ଲକ୍ଷ୍ୟ ଉଦ୍ଦେଶ୍ୟ, ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ ସଂଘ କର୍ମକର୍ତ୍ତା ଚୟନ କରାଯାଇଥିଲା। ସତ୍ୟବାନ ପାତ୍ର ସଂଘର ନୂତନ ସଭାପତି, ବି. ତ୍ରିପତି ସୁବୁଦ୍ଧି ଉପସଭାପତି, ବିଜୟ ପଣ୍ଡା ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ ଭାବେ ଓମ୍ ପ୍ରକାଶ ବେହେରା, କୋଷାଧକ୍ଷ ଭାବେ ମିହିର କୁମାର ମହାପାତ୍ର, ଉପଦେଷ୍ଟା ଭାବେ ଦୁର୍ଯ୍ୟୋଧନ ଲେଙ୍କା, ପଦ୍ମଚରଣ ପଣ୍ଡା, ଶିଶିର ସାବତ, ପ୍ରଭାକର ପାଢୀ, ରାମକୃଷ୍ଣ ପାତ୍ରଙ୍କୁ ଚୟନ କରାଯାଇଥିଲା। ଏଥିସହ କମିଟିର କାର୍ଯ୍ୟନିର୍ବାହୀ ସଦସ୍ୟମାନଙ୍କୁ ମଧ ମନୋନୀତ କରାଯାଇଛି। ପ୍ରତ୍ୟେକ ସଂକ୍ରାନ୍ତିରେ ସଂଘର ମାସିକ ବୈଠକ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକ ଶେଷରେ ସମ୍ପାଦକ ବିଜୟ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

# ବ୍ରାହ୍ମଣ ସମିତିର ସାଧାରଣ ବୈଠକ


ବୈଠକରେ ଉପସ୍ଥିତ ସଦସ୍ୟମାନେ।

**ଜି.ଉଦୟଗିରି,୧୬।୧(ଡି.ଏନ୍.ଏ.)**

ଜି.ଉଦୟଗିରି ଧବଳେଶ୍ୱର ମନ୍ଦିର ପରିସରରେ ପବିତ୍ର ମକର ସଂକ୍ରାନ୍ତି ଅବସରରେ ବ୍ରାହ୍ମଣ ସମିତି ତରଫରୁ ବନ୍ଧୁମିଳନ ଓ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ସମିତି ସଭାପତି ବିନୋଦ ବିହାରୀ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପଣ୍ଡିତ ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟ, ବରିଷ୍ଠ ସଭ୍ୟ ମନୋରଞ୍ଜନ ପତି, ଡ଼ଃ.ପ୍ରସନ୍ନ କୁମାର ତ୍ରିପାଠୀ ପ୍ରମୁଖ ସଂସ୍କାରିତ ସମାଜ ଗଠନ ଦିଗରେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଆସନ୍ତା ୧ ତାରିଖରୁ ଆରମ୍ଭ ହେବାକୁ ଥିବା ରାମଚରିତ ମାନସ ପାରାୟଣ କାର୍ଯ୍ୟକ୍ରମ ନିମନ୍ତେ ଆଲୋଚନା ହୋଇଥିଲା। ବୈଠକରେ ସମ୍ପାଦକ ବଟକୃଷ୍ଣ ଦାଶ ସ୍ୱାଗତ ଭାଷଣ ଓ ଉପସଭାପତି ରବୀନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ସହ ସମ୍ପାଦକ ଅଶୋକ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ବିଜୟ କୁମାର ମହାପାତ୍ର, ସନ୍ତୋଷ କୁମାର ଆଚାର୍ଯ୍ୟ, ସଞ୍ଜୟ କୁମାର ଆଚାର୍ଯ୍ୟ, ଦଣ୍ଡପାଣି ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।

# ସ୍କୁଲ ସମସ୍ୟା ବୁଝିଲେ ବିଡିଓ


ବିଡିଓଙ୍କ ସହ ଅନ୍ୟମାନେ।

**ଫିରିଙ୍ଗିଆ,୧୬।୧**

ଫିରିଙ୍ଗିଆ ବିଡିଓ ରଶ୍ମି ରଞ୍ଜନ ମହନ୍ତ ସ୍ଥାନୀୟ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ସେଠାର ବିଭିନ୍ନ ସମସ୍ୟା ଅବଗତ ହୋଇଛନ୍ତି। ଏହି ପୁରାତନ ବିଦ୍ୟାଳୟରେ ପ୍ରଥମରୁ ଦଶମ ଯାଏ ଶ୍ରେଣୀ ରହିଛି। ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସ୍କୁଲ ପରିସରରେ କସ୍ତୁରବା ଗାନ୍ଧୀ ବାଳିକା ଆବାସିକ ବିଦ୍ୟାଳୟ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ମଧ ରହିଛି। ହେଲେ ଦୀର୍ଘଦିନ ହେଲା ଏଠାରେ ଶ୍ରେଣୀଗୃହ ଠାରୁ ଆରମ୍ଭ କରି ପିଇବା ପାଣି, ଶୌଚାଳୟ ସହ ଅନ୍ୟାନ୍ୟ ସମସ୍ୟା ଲାଗି ରହିଛି। ଏସବୁ ସମସ୍ୟା ସମାଧାନ ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ସ୍କୁଲ ଶିକ୍ଷା କମିଟିର ସଦସ୍ୟ ଓ ଅଭିଭାବକମାନେ ବାରମ୍ବାର ଦାବି କରି ଆସୁଥିଲେ। ଏପରିକି ପ୍ରଧାନଶିକ୍ଷକ ସ୍କୁଲ ସମସ୍ୟା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଡିଓ ମହନ୍ତ ସ୍କୁଲ ପରିଦର୍ଶନରେ ଯାଇ ଖୁବଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ସ୍କୁଲ ପାଖରେ ଡ୍ରେନ ନିର୍ମାଣ କରିବାକୁ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ସହ ଖେଳପଡିଆର ଉନ୍ନତି ପାଇଁ ପଦକ୍ଷେପ ନିଆଯିବ ବୋଲି ମଧ ପ୍ରତିଶ୍ରୁତି ଦେଇଛନ୍ତି। ବିଡିଓଙ୍କ ପରିଦର୍ଶନ ବେଳେ ବିଇଓ ବିନୋଦ ବିହାରୀ ଦିଗାଳ, ସାମାଜିକ କର୍ମୀ ସଞ୍ଜୀୟ କୁମାର ଦିଗାଳ, ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ର, ଖେଳ ଶିକ୍ଷକ ବାସୁଦେବ ସାହାଣି ପ୍ରମୁଖ ଉପସ୍ଥିତ ଥିଲେ।

# ତୁମୁଡ଼ିବନ୍ଧରେ ମେଗା ସମନ୍ୱୟ ମେଳା


କାର୍ଯ୍ୟକ୍ରମରେ ଉପସ୍ଥିତ ଏସ୍ଏଚଜି ସଭ୍ୟାମାନେ।

**ତୁମଡ଼ିବନ୍ଧ,୧୬।୧(ଡ଼ି.ଏନ.ଏ.)**

ତୁମୁଡ଼ିବନ୍ଧ ବ୍ଲକର ଭାଲିଆପାଣି ଗ୍ରାମରେ ଓଡ଼ିଶା ଜୀବୀକା ମିଶନ ଏବଂ କୋଟଗଡ ବ୍ଲକ ଆନୁକୁଲ୍ୟରେ ଗୁରୁବାର ମେଗା ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ତୁମୁଡ଼ିବନ୍ଧ ବିଡିଓ ଅଗସ୍ତି ପ୍ରଧାନ ସଭାପତିତ୍ୱ କରିଥିଲେ। ପୂର୍ବତନ ବିଧାୟକ ରାଜୀବ ପାତ୍ର ମୁଖ୍ୟଅତିଥି, ତୁମୁଡ଼ିବନ୍ଧ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପାତ୍ର, କୋଟଗଡ ବ୍ଲକ ଅଧ୍ୟକ୍ଷା ସବିତା ମଲିକ, ଜିଲା ପରିଷଦ ସଭ୍ୟା ବାସନ୍ତୀ ପାତ୍ର, ତୁମୁଡ଼ିବନ୍ଧ ସରପଞ୍ଚ ମୟନ୍ତୀ ପାଟ୍ଟମାଝି, ଏଫ୍ଆଇସି ଓଏଲ୍ଏମ୍ ଅଭିରାମ ନନ୍ଦ, ଏପିଡି କ୍ରେଡିଟ୍ ରିତ ସାମନ୍ତରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୨ ବ୍ଲକର ପ୍ରାୟ ୧୯୦ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍ଏଚଜି) ଯୋଗ ଦେଇଥିଲେ। ସେଥିମଧ୍ୟରୁ ୭୩ଟି ଏସ୍ଏଚ୍‌ଜିକୁ ୧କୋଟି ୯ଲକ୍ଷ ୫୦ହଜାର ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ସରକାରଙ୍କର ନାରୀ ସଶକ୍ତୀକରଣ ଉପରେ ଯେଉଁସବୁ କାର୍ଯ୍ୟକ୍ରମ ଚାଲିଛି ତାହାକୁ ସଫଳ ରୂପାୟନ ନିମନ୍ତେ ସମସ୍ତେ ସହଯୋଗ କରିବା ଦରକାର ବୋଲି କହିଥିଲେ। ପ୍ରୋତ୍ସାହନ ରାଶିକୁ ମହିଳାମାନେ ଠିକ ମାର୍ଗରେ ଉପଯୋଗ କରି ଆର୍ଥିକ ମାନଦଣ୍ଡ ସୁଦୃଢ଼ କରିପାରିଲେ ପରିବାରର ସହିତ ସମାଜର ଉନ୍ନତି ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ପ୍ରଦୀପ କୁମାର ସିଂ, ବିଏଲ୍‌ସି ପ୍ରେମାନନ୍ଦ ବଳିଆର ସିଂ ଉପସ୍ଥିତ ଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାର୍ଷିକୋତ୍ସବ

**ରାଇକିଆ,୧୬।୧(ଡ଼ି.ଏନ.ଏ)**

ରାଇକିଆରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଇକିଆ ବିଡ଼ିଓ ପ୍ରବୀଣ କୁମାର ବାଣୁଆ, ସରପଞ୍ଚ ପଞ୍ଚୁ ପ୍ରଧାନ ଅତିଥି, ଜୀବନ ଜ୍ୟୋତି ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଉତ୍ତମ ଭବିଷ୍ୟତ ଗଠନ ପାଇଁ ଛାତ୍ର ଜୀବନର ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଟୁନା କହଁର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷକ ବଂଶୀଧର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଟ୍ରିକ୍ ପରୀକ୍ଷାରୁ ବଞ୍ଚିତ ହେବେ ୧୪ ଛାତ୍ରୀଛାତ୍ର

## ପ୍ରଧାନ ଶିକ୍ଷକଙ୍କୁ ଦାୟୀ କରି ଜିଲାପାଳଙ୍କୁ ଚିଠି

**ଦାରିଙ୍ଗବାଡ଼ି,୧୬।୧(ଡି.ଏନ.ଏ)**

ଗତବର୍ଷ ମାଟ୍ରିକ ରେଜଲ୍ଟ ଖରାପକୁ ନେଇ କନ୍ଧମାଳ ଜିଲାର ସମସ୍ତ ଉଚ୍ଚ ବିଦ୍ୟାଳୟରେ ଚିନ୍ତାଜନକ ପରିସ୍ଥିତି ଉପୁଜିଥିବାବେଳେ ଚଳିତବର୍ଷ ଚୟନ କରି ଛାତ୍ରୀଛାତ୍ରଙ୍କୁ ବୋର୍ଡ଼ ପରୀକ୍ଷା ପାଇଁ ଫର୍ମ ଫିଲ୍ଅପ୍ କରାଯାଉଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ଗୁରୁବାର ଦାରିଙ୍ଗବାଡ଼ି ଥାନା ସୋନପୁର ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟର ପରୀକ୍ଷାରୁ ବଞ୍ଚିତ ୧୪ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକଙ୍କ ଅସନ୍ତୋଷ ବ୍ୟକ୍ତକରି ଜିଲା ପ୍ରଶାସନକୁ ଚିଠି ଲେଖିଛନ୍ତି। ଉକ୍ତ ବିଦ୍ୟାଳୟରେ ମୋଟ ୨୫ ଛାତ୍ରୀଛାତ୍ର ଦଶମରେ ଅଧ୍ୟୟନ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୧୪ ଜଣଙ୍କୁ ଚଳିତ ବୋର୍ଡ଼ ପରୀକ୍ଷା ପାଇଁ ଫର୍ମ ପୂରଣ କରାଇ ଦିଆଯାଇନାହିଁ। ଏନେଇ ଅଭିଭାବକ ଏବଂ ଛାତ୍ରୀଛାତ୍ର ଜିଲାପାଳ ଡ.ବୃନ୍ଦା ଡିଙ୍କୁ ଚିଠି ଲେଖି ଜଣାଇଛନ୍ତି। ଚିଠିରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସାହୁଙ୍କୁ ଏଥିପାଇଁ ଦାୟୀ କରିବା ସହ ଅନୁସୂଚିତ ଜନଜାତି ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ଶିକ୍ଷକ ଏବଂ ଶିକ୍ଷା ବିଭାଗ ଖେଳୁଥିବା ଅଭିଭାବକ ତାଜୁସା ମଲ୍ଲିକ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ତାଙ୍କ ପୁଅଙ୍କ ସମେତ ମୋଟ ୧୪ ଛାତ୍ରୀଛାତ୍ର ଚଳିତ ବର୍ଷ ବୋର୍ଡ଼ ପରୀକ୍ଷାରୁ ବଞ୍ଚିତ ହେବେ। ଜିଲାପାଳଙ୍କ ସମେତ ଦାରିଙ୍ଗବାଡ଼ି ବିଇଓ ବ୍ରହ୍ମାନନ୍ଦ ରାଉତଙ୍କୁ ମଧ ଡାକଯୋଗେ ଚିଠି ପଠାଇଛନ୍ତି। ଏନେଇ ବିଇଓ ବ୍ରହ୍ମାନନ୍ଦ ରାଉତଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ତାଙ୍କ ନିକଟରେ କୌଣସି ଅଭିଯୋଗ ପହଞ୍ଚି ନାହିଁ, ପାଇଲେ ତଦନ୍ତ କରିବେ। ଏନେଇ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସାହୁ କହିଛନ୍ତି ଯେ, ୨୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୧ଙ୍କୁ ବୋର୍ଡ଼ ପରୀକ୍ଷା ପାଇଁ ଚୟନ କରାଯାଇଛି। ଅନ୍ୟ ୧୪ ଜଣଙ୍କ ମଧ୍ୟରୁ ୩ ଜଣ ବିଦ୍ୟାଳୟକୁ ଆସୁ ନ ଥିବାବେଳେ ଅନ୍ୟମାନେ ନିୟମିତ ବିଦ୍ୟାଳୟକୁ ଆସୁନାହାନ୍ତି। ଗତବର୍ଷ ମାଟ୍ରିକ୍ ରେଜଲ୍ଟ ୫୦ ପ୍ରତିଶତରୁ ମଧ କମ୍ ହୋଇଥିବାରୁ ଚଳିତବର୍ଷ ଭଲ ନମ୍ବର ରଖି ପାସ୍ ସହ ହାର ବୃଦ୍ଧିରେ ଯେପରି ଛାତ୍ରୀଛାତ୍ର ସହାୟକ ହେବେ ସେମାନଙ୍କୁ ଚୟନ କରି ନିଆଯାଇଛି।

# ପରୀକ୍ଷାଖାତା ପୁନଃ ମୂଲ୍ୟାଙ୍କନ ଦାବି

**ଫୁଲବାଣୀ ଅଫିସ, ୧୬।୧**

ସଞ୍ଜୀୟ ସ୍ମୃତି ସରକାରୀ ମହିଳା ମହାବିଦ୍ୟାଳୟର ଯୁକ୍ତ ୩ ହୋମ ସାଇନ୍ସ ବିଭାଗ ପ୍ରଥମ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶ ପାଇଛି । ମୋଟ ୫୧ ପିଲାଙ୍କ ମଧ୍ୟରୁ ମାତ୍ର ୪ ଜଣ ପାସ୍ କରିଥିବା ବେଳେ ୪୭ ଜଣଙ୍କ ବ୍ୟାକ୍ ରହିଛି। ଏ ନେଇ ମହିଳା ମହାବିଦ୍ୟାଳୟର ଛାତ୍ରୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି । ପରୀକ୍ଷା ଖାତାର ପୁନଃ ମୂଲ୍ୟାଙ୍କନ କରିବା ପାଇଁ ସେମାନେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କୁ ଲିଖିତ ଭାବେ ଅବଗତ କରିଛନ୍ତି। ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ମଧ ଏ ବିଷୟରେ ଅବଗତ କରିଛନ୍ତି। ଅଧ୍ୟକ୍ଷ କୌଣସି ନିର୍ଭର ପ୍ରତିଶ୍ରୁତି ଦେଇ ନ ପାରିବାରୁ ଛାତ୍ରୀମାନେ ଅସନ୍ତୋଷ ପ୍ରକାଶ କରି ଶୁକ୍ରବାର ମହାବିଦ୍ୟାଳୟରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବାବାଜୀ ଚରଣ ବେହେରାଙ୍କୁ ପଚାରିବାରୁ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକଙ୍କ ଦ୍ୱାରା ପରୀକ୍ଷା କରାଯାଇଛି । ଖାତା ସେଠାରେ ଦେଖା ହୋଇଛି । ଏଥିରେ କଲେଜ କିଛି କରି ପାରିବ ନାହିଁ । ଛାତ୍ରୀମାନେ ଲିଖିତ ଅଭିଯୋଗ କଲେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇବୁ ବୋଲି ସେ ପ୍ରକାଶ କରିଛନ୍ତି।

## ଗ୍ରାମ ରାସ୍ତା ଖାଲଖମା

**ଖଜୁରିପଡ଼ା,(ଡି.ଏନ.ଏ.)/ ବଲସକୁମ୍ପା,୧୬।୧**

ଖଜୁରିପଡ଼ା ବ୍ଲକ ବଲସକୁମ୍ପା ପଞ୍ଚାୟତ ନବଗୁବା ଗ୍ରାମ ରାସ୍ତାର କଲଭର୍ଟ ଭାଙ୍ଗି ରାସ୍ତା ମଝିରେ ଏକ ଗର୍ତ୍ତ ସୃଷ୍ଟି ହୋଇଛି। ରାସ୍ତାରେ ଖାଲଖମା ମଧ ହୋଇଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ତେଣୁ ଏହି ରାସ୍ତା ଏବଂ କଲଭର୍ଟ ନିର୍ମାଣ ପାଇଁ ଗ୍ରାମବାସୀ ବହୁବାର ଅଭିଯୋଗ କରିଥିଲେ। କିନ୍ତୁ ରାସ୍ତା ନିର୍ମାଣ କରାଯାଉ ନ ଥିବା ଗ୍ରାମବାସୀଙ୍କ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀ ଅଭିଯୋଗ କରିଛନ୍ତି।

# ବାଲ୍ୟ ବିବାହ ରୋକିବାକୁ କର୍ମଶାଳା

**ଫୁଲବାଣୀ ଅଫିସ, ୧୬।୧**

ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡା ପଞ୍ଚାୟତ ବୈଠକ ଗୃହରେ ବିଭିନ୍ନ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟାସଦସ୍ୟମାନଙ୍କୁ ନେଇ ବାଲ୍ୟ ବିବାହ ବନ୍ଦ ନିମନ୍ତେ ଏକ ସଚେତନତା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ କମିଟି ସଦସ୍ୟଙ୍କ ମାଧ୍ୟମରେ କିପରି ଅଧିକ ସଚେତନତା ସୃଷ୍ଟି କରାଯାଇପାରିବ, ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇପାରିବ ସେ ଦିଗରେ ଆଲୋଚନା ହୋଇଥିଲା। ବାଲନ୍ଦାପଡ଼ା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରିଚାଳନା କମିଟି ପ୍ରସଙ୍ଗକୁ ଗୁରୁତ୍ୱ ଦେଇ କାର୍ଯ୍ୟକଲେ ଅଧିକ ପ୍ରଭାବ ପଡିବ ବୋଲି କହିଥିଲେ। ପ୍ରଭଞ୍ଜନ କହଁର, ବସନ୍ତ କୁମାର ପ୍ରଧାନ, ପଞ୍ଚୁଦେବ ପ୍ରଧାନ ପ୍ରମୁଖ ବିଦ୍ୟାଳୟ ପରିଚାଳନା କମିଟିର କର୍ତ୍ତବ୍ୟ ଓ ଦାୟିତ୍ୱ ବିଷୟରେ ଅବଗତ କରିଥିଲେ। ବିଶ୍ୱରଞ୍ଜନ କର ଅଞ୍ଚଳରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ୭ଟି ବାଲ୍ୟବିବାହକୁ ବିଭିନ୍ନ ସ୍ତରରେ ବନ୍ଦ କରାଯାଇଥିବା ସେ କହିଥିଲେ। ସ୍ୱାତୀ ଓ କ୍ରାଏ ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୌସୁମୀ ପ୍ରିୟା ମୁଖୀ, କୃଷ୍ଣଚନ୍ଦ୍ର ମହାକୁଡ ପ୍ରମୁଖ ସହଯୋଗ କରିଥିଲେ।

# କୁମ୍ଭାରସାହି ଲୋକଙ୍କୁ ମିଳିନି ଆବାସ ଗୃହ

**ଶଙ୍କରାଖୋଲ, ୧୬।୧ (ଡି.ଏନ୍.ଏ.)**

ଟିକାବାଲି ବ୍ଲକ କଇଁଝର ପଞ୍ଚାୟତ କୁମ୍ଭାରସାହି ଗ୍ରାମରେ ୨୦୧୧ରୁ ରାଜ୍ୟ ଓ କେନ୍ଦ୍ର ସରକାର ପକ୍ଷରୁ ହିତାଧିକାରୀଙ୍କୁ ଆବାସଗୃହ ମିଳି ନ ଥିବା ଅଭିଯୋଗ ହୋଇଛି। ଏ ନେଇ ସୋମବାର ଗ୍ରାମବାସୀ ଟିକାବାଲି ବ୍ଲକ କାର୍ଯ୍ୟାଳୟ ପହଞ୍ଚି ବିଡିଓ ଫକୀର ଚରଣ ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

କୁମ୍ଭାରସାହି ବାସୀଙ୍କ କହିବା ପ୍ରକାରେ, ୨୦୧୧ରେ ସାମାଜିକ ଅର୍ଥନୈତିକ ଜନଗଣନା (ଏସ୍.ଇ.ସି.ସି.) ଅନୁସାରେ କୌଣସି ପରିବାରକୁ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇ ନ ଥିଲା। କୁମ୍ଭାରସାହିବାସୀ ଏହା ଜାଣି କଇଁଝର ପଞ୍ଚାୟତରେ ଆବେଦନ କରିଥିଲେ ମଧ ଅନ୍ତର୍ଭୁକ୍ତ


ବିଡ଼ିଓଙ୍କୁ ଅଭିଯୋଗ କରିବାକୁ ଆସିଥିବା ଲୋକେ।

ହୋଇ ନ ଥିଲେ। ପରେ ଉକ୍ତ ଗ୍ରାମର ୫୦ ପରିବାର ପୁଣି ୨୦୧୭ରେ ଏସ୍.ଇ.ସି.ସି. ତାଲିକାରେ ଅନ୍ତର୍ଭୁକ୍ତ କରାଇବା ପାଇଁ ଆବେଦନ କରିଥିଲେ। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ କରାଯାଇ ନ ଥିବାରୁ ମୋ କୁଡ଼ିଆ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଏସ୍ଇସିସି ତାଲିକାରେ ଅନ୍ତର୍ଭୁକ୍ତ କରିବା ସହ ଆବାସଗୃହ ଯୋଗାଇଦେବାକୁ ଉକ୍ତ ଗ୍ରାମବାସୀ ଦାବି କରିଛନ୍ତି। ଏହା ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବୁ ଏବଂ ବ୍ଲକ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ଦେବୁ ବୋଲି ବାସୀନ୍ଦା କମଳା କୁମାରୀ ମଲିକ, କରୁଣା ଦେହୁରୀ, ସବିତା ସାହୁ, ଆନନ୍ଦ କହଁର କହିଛନ୍ତି। ଏ ନେଇ ବିଡିଓ ଫକୀର ଚରଣ ପରିଡ଼ାଙ୍କୁ ପଚାରିବାରୁ କୁମ୍ଭାରସାହି ବାସୀଙ୍କୁ ଏସ୍.ଇ.ସି.ସି. ତାଲିକାରେ ଅନ୍ତର୍ଭୁକ୍ତ କରାଯାଇ ଆବାସଗୃହ ଯୋଗାଇ ଦିଆଯିବ ବୋଲି କହିଥିଲେ।

# ପ୍ରସ୍ତାବରେ ବାହୁଦା ନଦୀ ମୁହାଣ କ୍ଷୁଦ୍ର ବନ୍ଦର

## ଗୋପାଳପୁର ବନ୍ଦର ହୋଇନି ସବୁଦିନିଆ

**ବ୍ରହ୍ମପୁର ଅଫିସ,୧୬ା୧**

**ଗଞ୍ଜାମ ଜିଲା ଉପକୂଳ**

ଗଞ୍ଜାମ ଜିଲା ଚିକିଟି ନିର୍ବାଚନ ମଣ୍ଡଳୀ ଉପକୂଳବର୍ତ୍ତୀ ମତ୍ସ୍ୟଜୀବୀ ବହୁଳ ପାତିସୁନୁପୁର ନିକଟ ବାହୁଦା ମୁହାଣରେ କ୍ଷୁଦ୍ରବନ୍ଦର ନିର୍ମାଣ ପ୍ରସ୍ତାବରେ ରହିଯାଇଛି। ଅପରପକ୍ଷରେ ଛତ୍ରପୁର ନିକଟ ଆର୍ଯ୍ୟପଲ୍ଲୀରେ ଥିବା ଗୋପାଳପୁର କ୍ଷୁଦ୍ର ବନ୍ଦର ଏଯାବତ୍ ସବୁଦିନିଆ ହୋଇପାରି ନ ଥିବା ବେଳେ ବାହୁଦା ବନ୍ଦର ଅନିଶ୍ଚିତତା ହୋଇଛି। ଭୁଲ ତଥ୍ୟ ଯୋଗୁ ଏହି ସମସ୍ୟା ସୃଷ୍ଟି ହୋଇଥିବା ଗୁରୁବାର ଆଲୋଚନା ପ୍ରସଙ୍ଗରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଏହି ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ସହ ଏ ସମ୍ପର୍କରେ ଆଲୋଚନା କରି ଏହାକୁ କାର୍ଯ୍ୟକ୍ଷମ କରାଇବା ଲାଗି ଉଦ୍ୟମ କରିବାର ସେ ଦର୍ଶାଇଛନ୍ତି।

ରାଜ୍ୟର ପୂର୍ବ କଂଗ୍ରେସ ଶାସନରେ ୧୯୮୦ ଦଶକରେ ଗୋପାଳପୁର ବନ୍ଦର ନିର୍ମାଣ କରାଯାଇଥିଲା। ଏହି କ୍ଷୁଦ୍ର ବନ୍ଦରକୁ ଦେଶ ବିଦେଶରୁ ମାଲ ରପ୍ତାନୀ ଓ ଆମଦାନୀ ହେଉଥିବା ବେଳେ ନୌବାଣିଜ୍ୟ କାରବାର ବଢ଼ି ଚାଲିଥିଲା ଏବଂ ଲାଭ ମଧ୍ୟ ହେଉଥିଲା। ୧୯୯୯ ମହାବାତ୍ୟାରେ ବନ୍ଦର ଧ୍ୱଂସ ହୋଇଯାଇ କାରବାର ବନ୍ଦ ହୋଇଗଲା। ୨୦୦୬ରେ ଏହାକୁ ଘରୋଇକରଣ କରାଗଲା ଏବଂ ସବୁଦିନିଆ ବନ୍ଦର କରିବା ପାଇଁ ଗୋପାଳପୁର ପୋର୍ଟ ଲିଃକୁ ସରକାର ହସ୍ତାନ୍ତର କରିଥିଲେ। ବନ୍ଦର ପାଇଁ ରାଜ୍ୟ ରାଜକୋଷରୁ ସେତେବେଳେ ୧୪୦ କୋଟି ଟଙ୍କା ବ୍ୟୟ ହୋଇଥିଲା। ପୋର୍ଟ ଲିଃ ୨୦୧୫ ସୁଦ୍ଧା ସବୁଦିନିଆ ବନ୍ଦର ନିର୍ମାଣ କରି ନ ପାରି ଅଧାପନ୍ତରିଆ ରଖିଥିଲା। ଦୁଇବର୍ଷ ତଳେ ଆଉ ଏକ କମ୍ପାନୀ ଏସ୍‌ପି ଗ୍ରୁପକୁ ବନ୍ଦର ନ୍ୟସ୍ତ କରାଯାଇଛି। ସେହି କମ୍ପାନୀ ଦ୍ୱାରା ସବୁଦିନିଆ ବନ୍ଦର ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି । ପ୍ରଥମେ ଭିତ୍ତିଭୂମି ବିକାଶ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଏସ୍‌ପି କମ୍ପାନୀ ୨ ହଜାର କୋଟି ଟଙ୍କା ଖର୍ଚ୍ଚ କରିଥିବା ଜଣେ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି।

ବିଶାଖାପାଟଣା ଓ ଗୋପାଳପୁର ବନ୍ଦର ମଧ୍ୟରେ ଆଉ କ୍ଷୁଦ୍ର ବନ୍ଦର ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତେଣୁ ବାହୁଦା ମୁହାଣକୁ ଚିହ୍ନଟ କରାଯାଇଥିଲା। ୨୦୧୧ରେ ପାରାଦ୍ୱୀପ ବନ୍ଦର ଅଧୀନରେ ବାହୁଦା ମୁହାଣ ବନ୍ଦର ନିର୍ମାଣ କରାଯିବାର ସ୍ଥିର ହୋଇଥିଲା। ଚୁକ୍ତିପତ୍ର ସ୍ୱାକ୍ଷର ନିମନ୍ତେ ପାରାଦୀପ ପୋର୍ଟ କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କୁ ଜଣାଇଥିଲେ। ସରକାର ତତ୍ପରତା ପ୍ରକାଶ କରି ନ ଥିଲେ। ଏବେ ୧୦ ବର୍ଷ ପୂରିଛି ଏବଂ ବାହୁଦା ମୁହାଣ ବନ୍ଦର ପ୍ରସ୍ତାବରେ ରହିଯାଇଛି।

# ପୂର୍ବ ଶତ୍ରୁତାରୁ ଛାତ୍ରଙ୍କୁ ଖଣ୍ଡାରେ ଆକ୍ରମଣ, ଅଭିଯୁକ୍ତ ଫେରାର

**ପାଟପୁର,୧୬ା୧**

ପାଟପୁର ଥାନା ସୁମନ୍ତପୁର ଗ୍ରାମର ଜଣେ ଛାତ୍ରଙ୍କୁ ବୁଧବାର ଖଣ୍ଡାରେ ଆକ୍ରମଣ କରାଯାଇଥିବା ଗୁରୁବାର ପାଟପୁର ଥାନାରେ ଅଭିଯୋଗ ହୋଇଛି। ଛାତ୍ର ଜଣକ ହେଲେ ଅଜିତ ନାଇକ। ଅଜିତଙ୍କ ଏତଲାକୁ ଭିତ୍ତିକରି ପୋଲିସ ନଂ.୦୭/୨୦ରେ ମାମଲା ରୁଜୁ କରିଛି। ଅଭିଯୁକ୍ତ ଗିରଫ ଭୟରେ ଫେରାର ଥିବା ପୋଲିସ କହିଛି। ବୁଧବାର ରାତି ପ୍ରାୟ ୮ ଟାରେ ଅଜିତ ତାଙ୍କ ଭଉଣୀ ଘରକୁ ଯିବା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଅଭିଯୁକ୍ତ ଅଜିତଙ୍କୁ ଗାଳି ଗୁଲଜ କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ଖଣ୍ଡାରେ ଅଜିତଙ୍କ ଗୋଡ଼କୁ ହାଣି ଦେଇଥିବା ଏତଲାରେ ଦର୍ଶାଯାଇଛି। ଆହତ ଅଜିତଙ୍କୁ ପରିବାର ଲୋକେ ଆଡ଼ପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରକାଶ ଯେ, ପୂର୍ବରୁ ଅଭିଯୁକ୍ତଙ୍କ ହାତକୁ ବ୍ଲେଡରେ ଅଜିତ କାଟି ଦେଇଥିଲେ। ପରେ ଗ୍ରାମବାସୀଙ୍କ ଉପସ୍ଥିତିରେ ସମାଧାନ ହୋଇଥିଲା। ଏହି ଘଟଣାକୁ କେନ୍ଦ୍ରକରି ଅଜିତଙ୍କୁ ଆକ୍ରମଣ କରିଥିବା ସନ୍ଦେହ ହେଉଛି।







# ଗଞ୍ଜେଇ ଜବତ, ଜଣେ ଗିରଫ

**ବୁଗୁଡ଼ା,୧୬ା୧(ଡି.ଏନ.ଏ.)**

ବୁଗୁଡ଼ା ଥାନା ପଥରବଣି ଛକରେ ବୁଧବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ବ୍ୟାଗରେ ଗଞ୍ଜେଇ ଧରି ଯାଉଥିବା ଜଣେ ଯୁବକଙ୍କୁ ଗିରଫ କରିଛି। ଏଥିସହ ତାଙ୍କଠାରୁ ୩ କେଜି ୬୦୦ ଗ୍ରାମ ଗଞ୍ଜେଇ ମଧ୍ୟ ଜବତ କରିଛି। ଗିରଫ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ କରସିଙ୍ଗି ଗ୍ରାମର ଗଙ୍ଗାଧର ନାୟକ। ଏନେଇ ଥାନାରେ ନଂ. ୧୨/୨୦ରେ ଏକ ମାମଲା ରୁଜୁ ହୋଇଛି। ଗଙ୍ଗାଧର ଏକ ବ୍ୟାଗରେ ଗଞ୍ଜେଇ ଧରି ନିଜ ଗ୍ରାମ କରସିଙ୍ଗିକୁ ବୁଧବାର ରାତିରେ ଯାଉଥିବା ବେଳେ ଥାନା ଆଇଆଇସି ଚିତ୍ତରଞ୍ଜନ ବେହେରାଙ୍କ ନେତୃତ୍ୱରେ ବୁଗୁଡ଼ା ପୋଲିସ ସଦଳବଳେ ପଥରବଣି ଛକରେ ଯୁବକଙ୍କୁ ଗିରଫ କରି ତାଙ୍କଠାରୁ ଗଞ୍ଜେଇ ଜବତ କରିଥିଲେ। ଗିରଫ ଯୁବକଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିବା ଆଇଆଇସି ବେହେରାଙ୍କ ଠାରୁ ପ୍ରକାଶ।

# ସ୍କାଉଟ୍ସର ଦୀକ୍ଷା ଗ୍ରହଣ ଉତ୍ସବ

**କନିଷି,୧୬ା୧(ଡି.ଏନ୍.ଏ.)**

କନିଷି ହାଟସ୍ଥିତ ବାଲାଜୀ ବିଦ୍ୟାପୀଠରେ ବୁଧବାର ସ୍କାଉଟ୍ସ ଦୀକ୍ଷା ଗ୍ରହଣ ଉତ୍ସବ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗିରଥୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ରଙ୍ଗେଇଲୁଣ୍ଡା ବିଇଓ ପ୍ରଭାତୀ କୁମାରୀ ମହାପାତ୍ର ଅତିଥିଭାବେ ଯୋଗ ଦେଇଥିଲେ। ସାନଖେମୁଣ୍ଡି ବିଇଓ ମୁକୁନ୍ଦ ଚନ୍ଦ୍ର ପାଢ଼ୀ, କୁକୁଡ଼ାଖଣ୍ଡି ବିଇଓ ତଥା ସ୍କାଉଟ୍ସ କମିଶନର ଏସ୍. ଗିରିଧର, ଗଣ୍ଡଳା ହାଇସ୍କୁଲର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ବିଷୋୟୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନବୀନ ଚନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସଙ୍ଗଠନ କମିଶନର ଲକ୍ଷ୍ମୀ ନାରାୟଣ ପଣ୍ଡା, ସହ କମିଶନର ରାମହରି ସାହୁ, ତାଲିମ କମିଶନର ବିକ୍ରମ ମହାରଣା, ଟ୍ରେନିଂ କାଉନ୍‌ସିଲର ଭାସ୍କର ରଣା, ଗଣେଶ ପାଣିଗ୍ରାହୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ